ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.156 Bhubaneswar Wednesday, August 04, 2021 ୨୪ତମ ବର୍ଷ ସଂଖ୍ୟା-୧୫୬ ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୦୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ଉତ୍ତର ପୂର୍ବାଞ୍ଚଳର ସଂସ୍କୃତି, ପର୍ଯ୍ୟଟନ ଏବଂ ବିକାଶ ମନ୍ତ୍ରୀ (ଡୋଏନର) ଜି. କିଶନ ରେଡ୍ଡୀ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତ ପି.ଭି. ନୂଆଦିଲ୍ଲୀରେ ଏକ କାର୍ଯ୍ୟରେ ସିନ୍ଧୁ

# ଗୋଟିଏ ଦିନରେ ୧୧୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୧୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୦୮୬୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୬୦୩୮୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୪୩୨୫ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୨୯ ଜଣଙ୍କ ମଧ୍ୟରୁ ୬୫୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୮୮ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୨ ଜଣ, ବରଗଡ଼ରୁ ୩ ଜଣ, ଭଦ୍ରକରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୧୩୫, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭ ଜଣ, ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୩ ଜଣ, ଯାଜପୁରରୁ ୪୮ ଜଣ, ଝାରସୁଗୁଡ଼ାରୁ ୬ଜଣ, କଳାହାଣ୍ଡିରୁ ୧ ଜଣ, କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୬୬ ଜଣ, କେନ୍ଦୁଝରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୩୮୮ ଜଣ, କୋରାପୁଟରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୦ ଜଣ, ନବରଙ୍ଗପୁରରୁ ୫ ଜଣ, ନୟାଗଡ଼ରୁ ୨୦ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୩,ପୁରୀରୁ ୪୮ ଜଣ, ରାୟଗଡ଼ାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧ ଜଣ, ସୋନପୁରରୁ ୫ ଜଣ, ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ୍ ପୁଲରୁ ୭୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ସମଲ ବ୍ୟାରେଜ୍ ବାସଚ୍ୟୁତଙ୍କ ସମସ୍ୟା ସମାଧାନ ସଂପର୍କିତ ବୈଠକ

ଭୁବନେଶ୍ୱର , ୩।୮(ପି.ଏନ): ଅନୁଗୋଳ ଜିଲ୍ଲା ସମଲ ବ୍ୟାରେଜ୍ ନଦୀବନ୍ଧ ଯୋଜନାରେ ପ୍ରଭାବିତ ପରିବାରଙ୍କ ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ ଏକ ବୈଠକ ଓଡିଶା ବିଧାନ ସଭା ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, ତାଳଚେର ବିଧାୟକ ଶ୍ରୀ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ଶ୍ରୀ ମୁକେଶ ମହାଲିଙ୍ଗ ଏବଂ ବାସଚ୍ୟୁତ ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ ।ଉପ ବାଚସ୍ପତି ଶ୍ରୀ ସିଂହ ଏହି ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି କିପରି ସମସ୍ୟାର ଆଶୁ ସମାଧାନ ହୋଇପାରିବ, ସେ ସଂପର୍କରେ ଆବଶ୍ୟକ ପରାମର୍ଶ ଦେବା ସହ ଏ ଦିଗରେ ଜଳସମ୍ପଦ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଦ୍ୱୟ ମଧ୍ୟ ବିସ୍ଥାପିତମାନଙ୍କର ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

## ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ : କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

ଭୁବନେଶ୍ୱର,୩।୮(ପି.ଏନ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏଥିରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ସ୍କୁଲ୍ର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୪୦% ଛାତ୍ରଛାତ୍ରୀ ୯୦% ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସ୍କୁଲ୍ର ଛାତ୍ରଛାତ୍ରୀମାନେ ହାରାହାରି ୮୦% ନମ୍ବର ରଖିଛନ୍ତି । ସ୍କୁଲର ଛାତ୍ର ବୈଭବ କୁମାର ସର୍ବାଧିକ ୯୯.୪% ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଥିବା ବେଳେ ୟସ୍ ଖଣ୍ଡେଲ୍ୱାଲ୍ ୯୯% ନମ୍ବର ରଖିଛନ୍ତି । କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ରେ ସିବିଏସ୍ଇ, ଆଇଜିସିଏସ୍ଇ, ଆଇବିଡିପି ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉଥିବା ବେଳେ ଛାତ୍ରଛାତ୍ରୀମାନେ ଏହି ସବୁ





ପାଠ୍ୟକ୍ରମରେ କ୍ରମାଗତ ଭାବେ ସଫଳତା ହାସଲ କରିଆସୁଛନ୍ତି । କେବଳ ଶିକ୍ଷାରେ ନୁହେଁ, ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ମଧ୍ୟ ଉତ୍ତମ ପ୍ରଦର୍ଶନ କରିଆସୁଛନ୍ତି । ସ୍କୁଲ୍ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏଥିପାଇଁ ସେ ସ୍କୁଲ୍ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ରାଜ୍ୟ ଓ ଜାତୀୟସ୍ତରରେ ମଧ୍ୟ ସଫଳତା ହାସଲ କରିଆସୁଛନ୍ତି ।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ୭୨୦କୋଟିର ନେଟ୍ ଲାଭ ସଂଗ୍ରହ

ଭୁବନେଶ୍ୱର, ୩।୮(ପି.ଏନ): ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ୭୨୦ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଥିବା ସହ ବ୍ୟାଙ୍କର ନେଟ୍ ଲାଭ ପୂର୍ବ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ତୁଳନାରେ ଶତକଡା ୧୮୮ ଅଭିବୃଦ୍ଧି ଘଟିଥିବା କଥା ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି । ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ପରିମାଣ ପୂର୍ବ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସିକ ତୁଳନାରେ ଶତକଡା ୩୪ ଅଭିବୃଦ୍ଧି ହାର ହାସଲ କରି ୨,୮୦୬ କୋଟି ଟଙ୍କାରେ ପହଞ୍ଚିପାରିଛି । ବ୍ୟାଙ୍କର ଅଣ ସୁଧ ଆୟ ଶତକଡା ୩୯କୁ ବୃଦ୍ଧି ପାଇଛି । ଏନ୍ଆଇଏମ୍ କ୍ରମିକ ଅଧାରରେ ୧୫ ବିପିଏସ୍ର ସୁଧାର ହୋଇଥି ବା ସହ ଏନ୍ଆଇଆଇରେ ଶତକଡା ୭ର ବୃଦ୍ଧି ଘଟିଛି । ବ୍ୟାଙ୍କର ଗ୍ରସ୍ ଏନ୍ପିଏ ପରିମାଣ ୪୦ ବିପିଏସ୍ ଏବଂ ନେଟ୍ ଏନ୍ପିଏ ପରିମାଣ ୨୩ ବିପିଏସ୍କୁ ହ୍ରାସ ପାଇଛି । ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍)ରେ ଶତକଡା୮୬.୧୭ ବୃଦ୍ଧି ପାଇଛି । ସିଆର୍ଏଆର୍ ଉଭୟ ଜୁନ୍ ୨୦ ଏବଂ ମାର୍ଚ୍ଚ ୨୧ ତୁଳନାରେ ଶତକଡା ୧୫.୦୭ ଅଧିକ ରହିଛି । ଆର୍ଏମ୍ ଅଗ୍ରୀମ ଋଣ ଶତକଡା ୧୧.୦୨ବୃଦ୍ଧି ପାଇଛି ଯାହା ଅଗ୍ରୀମ ଋଣର ଶତକଡା ୫୧.୩୬ ଅଂଶ ହାସଲ କରିଛି । ଖୁଚୁରା ଋଣରେ ଶତକଡା୧୧.୫୭, କୃଷି ଋଣରେ ଶତକଡା୧୧.୦୮ର ଏବଂ ଏମ୍ଏସ୍ଏମ୍ଇ ଋଣରେ ଶତକଡା ୧୧.୪୫ ଅଭିବୃଦ୍ଧି ଘଟିଛି । ବ୍ୟାଙ୍କର କାସା ଡିପୋଜିଟ୍ରେ ମଧ୍ୟ ଶତକଡା ୧୩.୦୭ ର ବୃଦ୍ଧି ହୋଇଛି । କ୍ରେଡିଟ୍ ମୂଲ୍ୟ ଗତ ବର୍ଷ ପ୍ରଥମ ତ୍ରୈମାସିକ ତୁଳନାରେ ୨୪୧ ବିପିଏସ୍ ଏବଂ ସ୍ଲିପେଜ୍ ଅନୁପାତ ୯୬ ବିପିଏସ୍ ହ୍ରାସ ପାଇଛି । ବ୍ୟାଙ୍କର ଗ୍ଲୋବାଲ ବିଜିନେସ ୧୦,୩୮,୦୮୩ କୋଟି ଟଙ୍କାରେ ପହଞ୍ଚିଛି ।

## ମହିଳା ଅଲମ୍ପିକ ଖେଳାଳିମାନଙ୍କର ଅସୀମ ସାମର୍ଥ୍ୟକୁ ପ୍ରଶଂସା କଲେ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୩।୮(ପି.ଏନ): ଟୋକିଓ ଅଲମ୍ପିକ ୨୦୨୦ରେ କ୍ରୀଡାଜଗତର ୧୨୭ ଜଣ ଖେଳାଳି ଭାରତକୁ ପ୍ରତିନିଧିତ୍ୱ କରି ଦେଶ ପାଇଁ ଏକ ବିଶାଳ ଏବଂ ନୂତନ ସମ୍ଭାବ୍ୟ ଆଣିବାକୁ ଯାଉଛନ୍ତି । ଭାରତକୁ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିବା ୪ଜଣ ମହିଳା ଖେଳାଳି ମୀରାବାଇ ଚାନୁ, ସାକ୍ଷୀ ମଲ୍ଲିକ, ପି.ଭି ସିନ୍ଧୁ ଏବଂ ଲୋଭଲିନା ବୋର୍ଗୋହେନ ବିଶ୍ୱ ଦରବାରରେ ଭାରତକୁ ଗୌରବାନ୍ୱିତ କରୁଛନ୍ତି । ଏହି ମହିଳା ଅଲମ୍ପିକ ଖେଳାଳିମାନଙ୍କର ଅସୀମ ସାମର୍ଥ୍ୟକୁ ଭାରତୀୟ ଜନତାପାର୍ଟି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତି ସ୍ମୃତି ପଟ୍ଟନାୟକ ପ୍ରଶଂସା କରିବା ସହ ସେମାନଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ଭାରତ ସ୍ୱାଧୀନ ହେବା ୭୦ବର୍ଷ ମଧ୍ୟରେ ମହିଳା ଖେଳାଳିଙ୍କୁ ଯେଉଁ ପ୍ରୋତ୍ସାହନ, ସାହାର୍ଯ୍ୟ ଓ ସହଯୋଗ ମିଳିବା କଥା ତାହା ମିଳି ପାରିନଥିଲା । ତେଣୁ ଭାରତୀୟ ମହିଳା ଖେଳାଳି ମାନେ ବିଶ୍ୱ ଦରବାରରେ ନିଜ ଦକ୍ଷତାକୁ ସମ୍ପୂର୍ଣ୍ଣ ଭାବେ ରଖି ପାରିନଥିଲେ । ମୋଦୀ ସରକାରରେ ମହିଳା ସଶକ୍ତିକରଣ ଅଭିଯାନ ଅନ୍ତର୍ଗତ ଭାରତବର୍ଷରେ ମହିଳାଙ୍କ ପ୍ରତ୍ୟେକ ଦିଗକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ସଶକ୍ତ କରିବାରେ ଉଦ୍ୟମ କରାଯାଇଛି । ସେହିପରି ନିଜ ମନ୍ତ୍ରୀମଣ୍ଡଳରେ ୧୧ ଜଣ ମହିଳା ମନ୍ତ୍ରୀଙ୍କୁ ସାମିଲ କରି ମହିଳାଙ୍କୁ ସମ୍ମାନିତ କରିବା ସହିତ ମହିଳା ଖେଳାଳିଙ୍କୁ ଯଥେଷ୍ଟ ପ୍ରୋତ୍ସାହନ ଦେଇଥିବାରୁ ଶ୍ରୀମତୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ନବ ନିର୍ମିତ ଫୁଲନଖରା ଟ୍ରାଫିକ ଥାନା ଉଦଘାଟିତ



ଫୁଲନଖରା,୩।୮(ପିଏନ):ଫୁଲନଖରାଠାରେ ଥିବା ଟ୍ରାଫିକ ଥାନା ପ୍ରତାପନଗରୀସ୍ଥ ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହୋଇଛି । ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ନୂତନ ଗୃହକୁ ପୋଲିସ ଡିଜି ଶ୍ରୀ ଅଭୟ ଫିତାକାଟି ଉଦଘାଟନ କରି ଏହାଦ୍ୱାରା ଭାରତର ଅନ୍ୟତମ ବ୍ୟସ୍ତବହୁଳ କଟକ-ଭୁବନେଶ୍ୱର ଜାତୀୟ ରାଜପଥର ଟ୍ରାଫିକ ସମସ୍ୟାକୁ ହ୍ରାସ କରାଯାଇପାରିବବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ-ଭୁବନେଶ୍ୱର ପୋଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ କମିସନର ରେଖା ଲୋହାନୀ, କଟକ ଡିସିପି ପ୍ରତୀକ ସିଂ, ଅତିରିକ୍ତ ଟ୍ରାଫିକ ଡିସିପି କେ.କେ.ପାଣିଗ୍ରାହୀ, ଜୋନ-୪ ଏସିପି ଚନ୍ଦନ ଘଡ଼େଇ, ସଦର ଥାନା ଆଇଆଇସି ସୁଧାଂଶୁଭୂଷଣ ଜେନା, ଫୁଲନଖରା ଟ୍ରାଫିକ ଥାନା ଆଇଆଇସି ଆକାଶ ରଣା ଓ ଅନ୍ୟ ପୋଲିସ ଅଧିକାରୀ ଓ ଟ୍ରାଫିକ କର୍ମଚାରୀ ଉପସ୍ଥିତ ଥିଲେ । ଫୁଲନଖରାଠାରେ ଥିବା ଟ୍ରାଫିକ ଥାନାରେ ଜବତ ଗାଡ଼ି ପାର୍କିଙ୍ଗ ଜନିତ ସ୍ଥାନାଭାବ ଓ ଏଇଭଳି ନାନା ପ୍ରକାର ସମସ୍ୟା ଦେଖାଦେବାରୁ ପ୍ରତାପନଗରୀଠାରେ ଏକ ନୂତନ ସମ୍ପ୍ରସାରିତ ସ୍ଥାନ ଓ ଗୃହରେ ଥାନା ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ ହୋଇଥିଲା । ଆଜିଠାରୁ ଏହା ବିଧିବଦ୍ଧଭାବେ କାର୍ଯ୍ୟ ଆରମ୍ଭ କରିଛି । ତ୍ରିଶୂଳିଆ ସୀତାରାମ ବଜାରଠାରୁ ଉରାଳୀ ଜରିପଡ଼ା ଏବଂ ସପ୍ତସତୀ ମନ୍ଦିରଠାରୁ କଟକ କାଠଯୋଡ଼ି ପୋଲ ପର୍ଯ୍ୟନ୍ତ ଏହି ଥାନା ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟ କରିବବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ ୨୦୦୯ମସିହା ମାର୍ଚ୍ଚ ମାସରେ ଫୁଲନଖରାଠାରେ ଟ୍ରାଫିକ ଥାନା କାର୍ଯ୍ୟାରମ୍ଭ କରିଥିଲା ।

## ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତିର ତଦନ୍ତ ଭାର ସିବିଆଇକୁ ଦିଆଯାଉ : ଇରାସୀସ

ଭୁବନେଶ୍ୱର,୩।୮(ପି.ଏନ): ଓଡିଶା ସରକାରଙ୍କ ଷ୍ଟାଫ ସିଲେକ୍ସନ କମିଶନ ଏକ ଚାକିରୀ ବିକ୍ରି କମିଶନରେ ପରିଣତ ହୋଇଛି । ସରକାରୀ ନିଯୁକ୍ତିରେ ମେଧା ପରିବର୍ତେ ଟଙ୍କା କାରବାର ମୁଖ୍ୟ ଯୋଗ୍ୟତା ହୋଇଛି । ଓଡିଶା ସରକାରେ ମୋ ସରକାର ୫-ଟି ସ୍ୱତନ୍ତ୍ର ବିଭାଗ ହେଲା ପରେ ରାଜ୍ୟରେ ଦୁର୍ନୀତି ବୃଦ୍ଧି ହୋଇଛି । ଏହି ବିଭାଗ ସମସ୍ତ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଆଇନସିଦ୍ଧ କରି ଦୁର୍ନୀତିରେ ସଂପୃକ୍ତ ପ୍ରଶାସନ ଅଧିକାରୀ ଓ ଶାସକଦଳର ନେତାଙ୍କୁ ସୁରକ୍ଷା ଦେଉଛି । ବିରଂଚୀ ସାହୁ କେତେ ପଇସା ନେଲେ, କେତେ ଫ୍ଲାଟ କିଣିଲେ, କେତେ ସୁନା କିଣିଲେ ସେକଥା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, କେଉଁ ସରକାରୀ ବାବୁମାନେ ସବୁ ପଇସା ଦେଇ କେଉଁ ଜାଗାରେ ଚାକିରୀ କରୁଛନ୍ତି ତାହାର ତଦନ୍ତ କରାଯାଉ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାସିସ ଆଚାର୍ଯ୍ୟ ଦାବି କରିଛନ୍ତି ।ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଜେଡି ସରକାର ଯୁବପିଢୀଙ୍କୁ ରୋଜଗାର ଦେବାରେ ବିଫଳ ହୋଇଛି । ଟଙ୍କା ଦେଲେ ରାଜ୍ୟରେ ଚାକିରୀ ମିଳୁଛି । ଏହା ଫଳରେ ଅନେକ ଶିକ୍ଷିତଯୁବକ ଯୁବତୀଙ୍କ ଦକ୍ଷତା ଥାଇ ବି ସେ ଓଡିଶାରେ ଚାକିରୀ ନପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ବାଧ୍ୟ ହେଉଛନ୍ତି । ବିରଂଚୀ ସାହୁଙ୍କ ପଛରେ କେଉଁ କେଉଁ ଧଳା ହାତୀମାନେ ସଂପୃକ୍ତ ଅଛନ୍ତି ତାହାର ତଦନ୍ତ କରାଯାଉ । ଏହା ସହ ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅପରାଧୀମାନଙ୍କୁ ତୁରନ୍ତ ତଦନ୍ତ ପରିସରଭୁକ୍ତ କରାଯାଉ । ଏହି ଦୁର୍ନୀତିର ଚେର ଲୋକସେବା ଭବନର ତୃତୀୟ ମହଲା ଯାଏଁ ବ୍ୟାପିଥିବାରୁ ଏହି ଘଟଣାର ତଦନ୍ତ ଭାର ସିବିଆଇକୁ ଦିଆଯାଉ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି ।ବିଜେପି ଯୁବୋମର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାସିସ ଆଚାର୍ଯଙ୍କ ଆହ୍ୱାନକ୍ରମେ ଓଡିଶାର ୭୩ରୁ ଅଧିକ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନ ଛକ ଠାରେ ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ମଧ୍ୟ ଜିଲ୍ଲା ସଭାପତି ରଶ୍ମି ରଂଜନ ମହାପାତ୍ର ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା । ଏହି ଅବସରରେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଅର୍ପିତା ଅପରାଜିତା ବଡଜେନା, ଯୁବମୋର୍ଚ୍ଚା ପ୍ରଭାରୀ ତଥା ସାଧାରଣ ସଂପାଦକ ଦୀପକ ଗୋଚ୍ଛାୟତ, ପ୍ରକାଶ ଦଳେଇ, ରାଜ୍ୟ ସଂଯୋଜକ ସୁଜିତ ସାହୁ, ସଂଗ୍ରାମ ପାତ୍ର, ପ୍ରତୀକ୍ଷା ଆଚାର୍ଯ୍ୟ, ସୁବ୍ରତ ବିଶ୍ୱାଳ, ରତନ ଦିଗାଲଙ୍କ ସମେତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହେିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।




# ପାଣି ପାଇଁ ବିବାଦ : ବିଶ୍ୱ ଦୃଶ୍ୟପଟ୍ଟ

ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୧୬ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ। ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିଲେ ବିଶ୍ୱ ଜଳ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଯଥାର୍ଥ ପ୍ରତିପାଦିତ ହୁଅନ୍ତା। ଆସନ୍ତୁ ଆଜି ବିଶ୍ୱଜଳ ଦିବସର ଅବସରରେ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।



ମିଳିତ ଜାତିସଂଘ ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଦୁନିଆରେ ୮୨ କୋଟି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନି। ମନୁଷ୍ୟ ବଞ୍ଚି ରହିବା ପାଇଁ ମୌଳିକ ଆବଶ୍ୟକତା ମଧ୍ୟରେ ଜଳ ସାମିଲ। ଜଳ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ଆଶଙ୍କା କରାଯାଉଛି ଆଗାମୀ ବିଶ୍ୱଯୁଦ୍ଧ ବୋଧେ ଜଳ ପାଇଁ ହେବ। ଏହି ଆଶଙ୍କା ସତ ହେବାର ଅନେକ କାରଣ ବି ଅଛି। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି, ୨୦୨୫ ମସିହା ସୁଦ୍ଧା ଦୁନିଆର ଦୁଇ-ତୃତୀୟାଂଶ ଦେଶରେ ପାଣିର ଉତ୍କଟ ଅଭାବ ଦେଖାଯିବ। ଏକ୍ଷେତ୍ରରେ ଯୁଦ୍ଧର ବିପଦ ଏସିଆ ମହାଦେଶରେ ସବୁଠାରୁ ଅଧିକ। କାରଣ ନଦୀ ଜଳ ବଣ୍ଟନକୁ ନେଇ ଭାରତର ତିନି ପଡ଼ୋଶୀ ଦେଶ ପାକିସ୍ତାନ, ଚୀନ ଓ ବାଙ୍ଗଲାଦେଶ ସହ ବିବାଦ ଅଛି।

**ଭାରତ-ପାକିସ୍ତାନ:** ଭାରତ ଓ ପାକିସ୍ତାନ ମଧ୍ୟରେ ବହୁଥିବା ସିନ୍ଧୁ, ଚେନାବ, ରାବି, ଝେଲମ ଓ ସତଲେଜ ନଦୀର ଜଳ ବଣ୍ଟନକୁ ନେଇ ଦୁଇ ଦେଶ ମଧ୍ୟରେ ଅସନ୍ତୋଷ ଅଛି। ପାକିସ୍ତାନ ସବୁବେଳେ ଅଭିଯୋଗ କରୁଛି ଭାରତର ଅବୈଧ ଭାବରେ ଜାମ୍ମୁ-କାଶ୍ମୀରରେ ବନ୍ଧ ନିର୍ମାଣ କରି ପାକିସ୍ତାନକୁ ଜଳ ସମ୍ପଦରୁ ବଞ୍ଚିତ କରୁଛି। ପାକିସ୍ତାନ କହୁଛି, ଏହା ଦ୍ୱାରା ଦେଶର ଅର୍ଥବ୍ୟବସ୍ଥାରେ ସଙ୍କଟ ସୃଷ୍ଟି ହେବ ଏବଂ ଏଥିରେ ସମଗ୍ର ଉପମହାଦେଶର ଶାନ୍ତି ବ୍ୟାହତ ହେବ। ଅବଶ୍ୟ ଭାରତ ପାକିସ୍ତାନର ସବୁ ଆରୋପକୁ ଖଣ୍ଡନ କରିଆସୁଛି। ବିଶେଷଜ୍ଞଙ୍କ ମତାନୁଯାୟୀ, ପାଣି ଏମିତି ଏକ ପ୍ରସଙ୍ଗ ଯାହାପାଇଁ ଦୁଇ ଦେଶ ମଧ୍ୟ ସଂଘର୍ଷ ହୋଇପାରେ। ସୂଚନାଯୋଗ୍ୟ ଦୁଇ ଦେଶ ମଧ୍ୟରେ ଆଜି ପର୍ଯ୍ୟନ୍ତ ତିନୋଟି ଯୁଦ୍ଧ ହୋଇସାରିଲାଣି। ୧୯୬୦ରେ ଭାରତ-ପାକିସ୍ତାନ ମଧ୍ୟରେ ସିନ୍ଧୁ ନଦୀ ଜଳ ସନ୍ଧି ହୋଇଥିଲା। ଏହି ବୁଝାମଣା ଅନୁଯାୟୀ ଭାରତ କୌଣସି ପରିସ୍ଥିତିରେ ମଧ୍ୟ ସିନ୍ଧୁ ନଦୀର ଗତିପଥ ବଦଳାଇବ ନାହିଁ। କାରଣ ସିନ୍ଧୁ ନଦୀର ଉତ୍ପତ୍ତି ଭାରତରୁ କିନ୍ତୁ ଏହାର ମୁଖ୍ୟ ଭାଗ ପ୍ରବାହିତ ହେଉଛି ପାକିସ୍ତାନରେ। ପାକିସ୍ତାନରେ ଏହା ଜୀବନଧାରା। ଯଦି ଭାରତ ଏହାର ଗତିପଥ ରୋକିଦିଏ ବା ବଦଳାଇ ଦିଏ ତେବେ ଅର୍ଦ୍ଧେକ ପାକିସ୍ତାନରେ ମରୁଡ଼ି ପରିସ୍ଥିତି ପଡ଼ିଯିବ। ଅବଶ୍ୟ ଭାରତ ଏ ପର୍ଯ୍ୟନ୍ତ ଏହି ସନ୍ଧି ଉଲ୍ଲଂଘନ କରିନାହିଁ।

**ଭାରତ-ଚୀନ:** ବ୍ରହ୍ମପୁର ନଦୀ ଜଳକୁ ନେଇ ଭାରତ-ଚୀନ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଚୀନ ଆସାମ ନିକଟରେ ବ୍ରହ୍ମପୁତ୍ର ନଦୀ ଉପରେ ବନ୍ଧ ନିର୍ମାଣ କରୁଛି। ଏହାଦ୍ୱାରା ଭବିଷ୍ୟତରେ ବ୍ରହ୍ମପୁତ୍ର ଶୁଖିଯିବାର ବିପଦ ଅଛି। ଆଗକୁ ଏହାର ଜଳ ବଣ୍ଟନକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ମଧ୍ୟ ହୋଇପାରେ। ଚୀନ ବ୍ରହ୍ମପୁତ୍ର ଉପରେ ତିନୋଟି ବନ୍ଧ ନିର୍ମାଣ କରୁଛି। ଏଥିରୁ ଏହା ବିଦ୍ୟୁତ୍ ଉତ୍ପାଦନ କରିବାକୁ ଚାହୁଁଛି। ମାତ୍ର ସବୁଠାରୁ ବଡ଼ ସମସ୍ୟା ହେଉଛି ଏହି ବନ୍ଧ ନିର୍ମାଣ ଦ୍ୱାରା କେବଳ ଭାରତରେ ନୁହେଁ ବାଙ୍ଗଲାଦେଶ ଓ ଭୁଟାନରେ ମଧ୍ୟ ବନ୍ୟାର ଆଶଙ୍କା ବଢ଼ିଯିବ। ଚୀନ ବ୍ରହ୍ମପୁତ୍ରର ପ୍ରବାହ ପଥ ବଦଳାଇଲେ ବାଙ୍ଗଲାଦେଶରେ ବନ୍ୟା ପରିସ୍ଥିତି ଉତ୍କଟ ହୋଇଯିବ। ଏବେ ଭାରତ ଓ ଚୀନ ମଧ୍ୟରେ ବ୍ରହ୍ମପୁତ୍ର ଜଳ ବିଭାଜନକୁ ନେଇ ଆଲୋଚନା ଚାଲିଛି। ମାତ୍ର ଚୀନ ଯେ ଭାରତର କଥା ରଖିବ ତାହା ଜଣାପଡୁନି।



**ଭାରତ-ବାଙ୍ଗଲାଦେଶ:** ପାଣିକୁ ନେଇ ଭାରତ ବାଙ୍ଗଲାଦେଶ ଭିତରେ ବି ଯୁଦ୍ଧ ହୋଇପାରେ। କାରଣ ଗଙ୍ଗାଜଳ ବିଭାଜନକୁ ନେଇ ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ବିବାଦ ଅଛି। ପ୍ରତିବର୍ଷ ଦୁଇ ଦେଶର ବରିଷ୍ଠ ଅଧିକାରୀଙ୍କ ବୈଠକ ହେଉଛି କିନ୍ତୁ କିଛି ଠୋସ୍ ପରିଣାମ ନାହିଁ। ୧୯୯୬ରେ ଭାରତ-ବାଙ୍ଗଲାଦେଶ ମଧ୍ୟରେ ଗଙ୍ଗାଜଳ ବଣ୍ଟନକୁ ନେଇ ଏକ ୩୦ ବର୍ଷିଆ ବୁଝାମଣା ହୋଇଥିଲା। ତଥାପି ଦୁଇ ଦେଶ ମଧ୍ୟରେ ଅଶାନ୍ତି ଓ ପାଣି ନେଇ ରାଜନୀତି ଚାଲିଛି। ଏସିଆ ମହାଦେଶ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ଜଳକୁ ନେଇ ବିବାଦ ଅଛି। ନଦୀ ଜଳକୁ ନେଇ ସେଗୁଡ଼ିକ ମଧ୍ୟରେ ବି ଯୁଦ୍ଧ ହୋଇପାରେ।

**ଆଫ୍ରିକା:** ଆଫ୍ରିକା ମହାଦେଶରେ ଇଜିପ୍ଟ-ୟୁଥୋପିଆ-ସୁଦାନ ମଧ୍ୟରେ ନଦୀକୁ ନେଇ ବିବାଦ ଅନେକ ବର୍ଷ ଧରି ଚାଲିଛି। ତିନୋଟି ଯାକ ଦେଶ ଦେଇ ନୀଳ ନଦୀ ପ୍ରବାହିତ ହେଉଛି। ଏହି ନଦୀର ଜଳ ବଣ୍ଟନକୁ ନେଇ ତିନି ଦେଶ ମଧ୍ୟରେ ଅଶାନ୍ତି ବେଳବେଳେ ଚରମସୀମାରେ ପହଞ୍ଚିଯାଉଛି।

**ମଧ୍ୟପ୍ରାଚ୍ୟ:** ମଧ୍ୟପ୍ରାଚ୍ୟର ମୁଖ୍ୟ ଦେଶ ଯଥା ଲେବାନନ୍, ସିରିଆ, ଇସ୍ରାଏଲ ଓ ଜୋର୍ଡ଼ାନ ମଧ୍ୟରେ ଅଧିକାଂଶ ସମୟରେ ଜୋର୍ଡ଼ାନ ଓ ୟରମୁଖର ମୁଖ୍ୟ ଶାଖା ନଦୀମାନଙ୍କର ଜଳକୁ ନେଇ ଟଣାଓଟରା ପରିସ୍ଥିତି ଥାଏ। ତେଣୁ ୧୯୮୫ରେ ଜାତିସଂଘ ପୂର୍ବତନ ସେକ୍ରେଟାରୀ ଜେନେରାଲ ବୁଟସ୍ ଘାଲି କହିଥିଲେ ମଧ୍ୟପ୍ରାଚ୍ୟରେ ଆଗାମୀ ବଡ଼ ଯୁଦ୍ଧର କାରଣ ରାଜନୀତି ନୁହେଁ ବରଂ ପାଣି ହେବ। ସେମିତି ୨୦୦୧ରେ ଜାତିସଂଘର ପୂର୍ବତନ ମହାସଚିବ କୋଫି ଆନ୍ନାନ୍ କହିଥିଲେ ଭବିଷ୍ୟତରେ ବିଶୁଦ୍ଧ ଜଳର ଅଭାବ ହିଁ ଅନେକ ଯୁଦ୍ଧର ମୂଳ କାରଣ ହେବ। ୧୯୫୦-୬୦ ଦଶକରେ ବିଭିନ୍ନ ଦେଶ ମଧ୍ୟରେ ଜଳ ପାଇଁ ନାନା ପ୍ରକାରର ସଂଘର୍ଷ ହୋଇଥିଲା। ଉଭୟ କୋରିଆ ଏବଂ ଭିଏତ୍‌ନାମ ଯୁଦ୍ଧରେ ଜଳକୁ ହିଁ ଟାର୍ଗେଟ କରାଯାଇଥିଲା। ଉଭୟ ଯୁଦ୍ଧରେ ଚାଷୀମାନେ ହିଁ ବିବାଦର ମୁଖ୍ୟ କାରଣ ହୋଇଥିଲେ। କାରଣ ଜଳସେଚନ ପାଇଁ ସବୁଠାରୁ ଅଧିକ ଜଳ ଆବଶ୍ୟକ ହୁଏ। ୧୯୫୦-୫୧ରେ ଆମେରିକା ଉତ୍ତର କୋରିଆ ୟାଲୁ ନଦୀରେ ନିର୍ମିତ ହୋଇଥିବା ଜଳଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଉତ୍ତରକୋରିଆ ଆମେରିକାର ଭାସମାନ ନଦୀବନ୍ଧକୁ ନଷ୍ଟ କରିବା ପାଇଁ ହ୍ୱାଚୋନ ନଦୀବନ୍ଧରୁ ଜଳ ଛାଡ଼ି ଦେଇଥିଲା। ଏହାପରେ ଆମେରିକା ଏହି ନଦୀବନ୍ଧ ଉପରେ ବୋମାମାଡ଼ କରିଥିଲା। ୧୯୫୧-୫୩ରେ ଇସ୍ରାଏଲର ଏକ ଜଳ ପ୍ରୋଜେକ୍ଟକୁ ବିରୋଧ କରି ଦୁଇ ଦେଶ ମଧ୍ୟରେ ଗୁଳିମାଡ଼ ହୋଇଥିଲା। ୧୯୮୫ରେ ନୀଳନଦୀରେ ଏକ ଜଳସେଚନ ଯୋଜନାକୁ ବିରୋଧ କରି ଇଜିପ୍ଟ ସୁଦାନକୁ ସୈନିକ ପ୍ରେରଣ କରିଥିଲା। ମନେରଖନ୍ତୁ ଜଳର ଅଭାବ ମାନବ ଜାତି ଆଗରେ ଅସ୍ତିତ୍ୱର ସଙ୍କଟ ସୃଷ୍ଟି କରିବେ। ଜଳ ପାଇଁ ଦୁନିଆର ଅନେକ ରାଷ୍ଟ୍ରର ଅବସ୍ଥା ସଙ୍କଟାପନ୍ନ ହୋଇଛି। ବିଶ୍ୱ ପରିଦୃଶ୍ୟରେ ଦେଖିଲେ ଅନେକ ଚିନ୍ତାଜନକ ଦୃଶ୍ୟ ନଜରକୁ ଆସିବ। ଦୁନିଆରେ ପ୍ରାୟ ୭୮୭ କୋଟି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳେନି। ପ୍ରାୟ ଅଢ଼େଇ କୋଟି ଲୋକ ନିଜର ଦୈନିକ ଆବଶ୍ୟକତା ପୂରଣ ପାଇଁ ପାଣି ପାଆନ୍ତିନି। ଜଳ ପ୍ରଦୂଷଣ ଯୋଗୁଁ ପ୍ରାୟ ୧୬୦୦ ଜଳଜ ପ୍ରଜାତି ବିଲୁପ୍ତ ହେବାକୁ ବସିଲେଣି। ଦୁନିଆର ୧୦ପ୍ରତିଶତ ଜଳସ୍ରୋତ ଅତ୍ୟଧିକ ଦୋହନ ଯୋଗୁଁ ଖାଲି ହୋଇଗଲାଣି। ଜାତିସଂଘର ପରିସଂଖ୍ୟାନ ଅନୁଯାୟୀ ଦୁନିଆର ୪୩ଟି ଦେଶରେ ୭୦୦ ବିଲିୟନ ଜନତା ଜଳାଭାବରେ ପୀଡ଼ିତ। ଆସନ୍ତୁ ବିଶ୍ୱ ଜଳଦିବସ ଅବସରରେ ଜଳ ସଂରକ୍ଷଣ ପାଇଁ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନତାର ବାର୍ତ୍ତା ଦେଖାଇବା।

**ଡଃ. ଅରୁନ୍ଧତୀ ଦେବୀ,**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ : ୯୯୩୭୧୭୨୮୧୦**

# କରୋନା ସମୟରେ ଓଡିଶାରେ ଆରଏସ୍ଏସ୍ ଦ୍ୱାରା ୩୦୬୨ ସ୍ଥାନରେ ସେବାକାର୍ଯ୍ୟ

ଭୁବନେଶ୍ୱର (ପିଏନ୍): କରୋନା ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ତରଫରୁ ସ୍ୱଂୟସେବକମାନେ ସେବା ଭାରତୀ ତତ୍ୱାବଧାନରେ ଏବଂ ଉତ୍କଳ ବିପନ୍ନ ସହାୟତା ସମିତି ମାଧ୍ୟମରେ ରାଜ୍ୟର ୩୦୬୨ ସ୍ଥାନରେ ସେବାକାର୍ଯ୍ୟ କରିଥିଲେ । ଏହି ସେବାକାର୍ଯ୍ୟରେ ୭୭୪୯ କାର୍ଯ୍ୟକର୍ତ୍ତା ସାମିଲ ଥିଲେ । ସ୍ୱୟଂସେବକମାନଙ୍କ ଦ୍ୱାରା ୩୨,୯୬୭ ରାସନ କିଟ୍, ୧,୮୨,୮୧୫ ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍,୧,୯୦,୩୦୫ମାସ୍କ ବଂଟନ କରାଯାଇଥିଲା । ୧୨୭ କ୍ଷେ ହୋମରେ ସହାୟତା, ୨୦,୫୦୪ ପ୍ରବାସୀଙ୍କୁ ସହୟତା, ୭୪୪ ୟୁନିଟ ରକ୍ତଦାନ, ୯୨,୬୦୦ ଜଣଙ୍କୁ କାଢା ବିତାରଣ କରାଯାଇଥିଲା । ୧୩୯୫ ଯାଜାବର ଲୋକଙ୍କୁ ସହାୟତା, ୨୧ଟି ଭୋଜନ ବିତରଣ କେନ୍ଦ୍ର ମାଧ୍ୟମରେ ୨୬,୯୮୩ ମଜଦୁରୁଙ୍କୁ ସହାୟତା, ୨୪ ଟି କେନ୍ଦ୍ର ମାଧ୍ୟମରେ ୧୭,୨୬୬ ଜଣ ବସ୍ ଓ ରେଳ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସେହିପରି ସାରା ଭାରତ ବର୍ଷରେ ସେବା ଭାରତୀ ମାଧ୍ୟମରେ ଦେଶର ୯୨,୬୫୬ ସ୍ଥାନରେ ସେବା କାର୍ଯ୍ୟ ହୋଇଥିଲା । ଯେଉଁଥିରେ ୫,୬୦,୦୦୦ କାର୍ଯ୍ୟକର୍ତ୍ତା ସକ୍ରିୟ ଥିଲେ, ୭୩ ଲକ୍ଷ ରାସନ କିଟ୍ ବଂଟନ କରାଯାଇଥିଲା, ୪.୫ କୋଟି ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍ ବଂଟନ କରାଯାଇଥିଲା,୯୦ ଲକ୍ଷ ମାସ୍କ ବଂଟନ କରାଯାଇଥିଲା, ୨୦ ଲକ୍ଷ ପ୍ରବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ୨.୫ ଲକ୍ଷ ଯାଜାବର ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ସ୍ୱୟଂସେବକମାନେ ୬୦ ହଜାର ୟୁନିଟ ରକ୍ତଦାନ କରିଥିଲେ ବୋଲି ଆରଏସ୍ଏସ୍ ଓଡିଶା ତରଫରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି ।




ଆଉ ମଧ୍ୟ ସୂଚନା ଦିଆଯାଇଛି ଯେ, ବେଙ୍ଗାଲୁରରେ ମାର୍ଚ୍ଚ ୧୯ ଓ ୨୦ ଦୁଇ ଦିନ ଧରି ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଓଡିଶାରୁ ୧୫ ଜଣ କାର୍ଯ୍ୟକର୍ତ୍ତା ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିବା ବେଳେ ଅନ୍ ଲାଇନ୍ ମାଧ୍ୟମରେ ୨୬ ଜଣ ଭାଗ ନେଇଥିଲେ । ୪୫୦ ଜଣ ନିର୍ବାଚିତ କେନ୍ଦ୍ରୀୟ ପ୍ରତିନିଧି ଏଥିରେ ଯୋଗ ଦେଇ ଥିଲେ । କରୋନା କାରଣରୁ ଅନ୍ୟ ୧୦୦୦ ସଦସ୍ୟ ୪୪ଟି ସ୍ଥାନରେ ଅନ୍ ଲାଇନ୍ ମାଧ୍ୟମରେ ଏହି ସଭାରେ ଭାଗନେଇଥିଲେ ।

ଚଳିତ ବର୍ଷ ବୈଠକରେ ସରକାର୍ଯ୍ୟବାହ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଦତାତ୍ରେୟ ହୋସବ୍ଲାଲେ ସରକାର୍ଯ୍ୟବାହ ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । କରୋନା ଅବଧିରେ ସମାଜର ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଭାରତ ବିଶ୍ୱକୁ ଏକ ଉଦାହରଣ ଦେଇଥିଲା । ଭାରତ ମଧ୍ୟ ଟିକା ପ୍ରସ୍ତୁତ କରି ସାରା ବିଶ୍ୱକୁ ବିତରଣ କରିଛି । ଏହି ବିଷୟରେ ପ୍ରତିନିଧିସଭାରେ ଅଭିନନ୍ଦନ ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା । ଶ୍ରୀରାମ ମନ୍ଦିର ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । କରୋନା ଓ ଶ୍ରୀରାମ ମନ୍ଦିରକୁ ନେଇ ଚର୍ଚ୍ଚା ଆଲୋଚନା ହେବା ପରେ ଦୁଇଟି ପ୍ରସ୍ତାବ ମଧ୍ୟ ପାରିତ ହୋଇଛି ।

କୋଭିଡ ବଷୟରେ ପାରିତ ହୋଇଥିବା ପ୍ରସ୍ତାବରେ କୁହାଯାଇଛି ଯେ, କୋଭିଡ ମହାମାରୀ ସମୟରେ ସାରା ଭାରତ ଏକଜୁଟ ହୋଇ ଛିଡା ହୋଇଛି । ଏହି ସମୟ ମଧ୍ୟରେ ସମସ୍ତ ଆଗଧାଡିର କର୍ମଚାରୀ ନିଜର ଦାୟିତ୍ୱ ସୁଚାରୂରୂପେ ତୁଲାଇଥିଲେ । ଦେଶ ଏବଂ ବିଶ୍ୱ ଶୀଘ୍ର ଏହି ସମସ୍ୟାରୁ ମୁକ୍ତି ପାଇବ ବୋଲି ପ୍ରତିନିଧି ସଭା ଆଶାକରେ । ଭେଂଟିଲେଟର, ପିପିକିଟ୍ , କରୋନା ପରୀକ୍ଷଣ ପ୍ରଣାଳୀର ଉପଲବ୍ଧି ଓ ଓ ସୁଲଭ ଦାମରେ ସ୍ୱଦେଶୀ କରୋନା ଟିକା ବିକାଶ ତଥା ଉତ୍ପାଦନ ମାଧ୍ୟମରେ ଭାରତ ଏହି ବିପର୍ଯ୍ୟୟକୁ ଏକ ସୁଯୋଗରେ ପରିଣତ କରିବାରେ ସକ୍ଷମ ହୋଇଛି । ଅଖିଳ ଭାରତୀୟ ପ୍ରତିନିଧି ସଭାର ପୂର୍ଣ୍ଣ ବିଶ୍ୱାସ ଅଛି ଯେ, ଭାରତୀୟ ସମାଜ ଦୃଢତାର ସହିତ ଏହି ମହାମାରୀ ପ୍ରଭାବରୁ ମୁକ୍ତ ହୋଇ ଯଥାଶୀଘ୍ର ସାଧାରଣ ଭାବରେ ଜୀବନ ଯାପନ କରିବ ।

ଶ୍ରୀରାମ ମନ୍ଦିରକୁ ନେଇ ପାରିତ ହୋଇଥିବା ପ୍ରସ୍ତାବ ଉପରେ କୁହାଯାଇଛି ଯେ,ଶ୍ରୀରାମ ଜନ୍ମଭୂମିରେ ମାନନୀୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ସର୍ବସମ୍ମତ ନିର୍ଣ୍ଣୟ ପରେ ଶ୍ରୀରାମ ଜନ୍ମଭୂମି ଉପରେ ମନ୍ଦିର ନିର୍ମାଣ ପାଇଁ ଏକ ସାର୍ବଜନିକ ନ୍ୟାସ ‘ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର’ ଗଠନ କରାଯାଇଛି । ଯେତେବେଳେ ଏହି ନ୍ୟାସ ନିଧି ସମର୍ପଣ ଅଭିଯାନ ଆରମ୍ଭ କଲା ସେ ସମୟରେ ସଂଘର ସ୍ୱୟଂସେବକେମାନେ ସହଯୋଗ କରିଥିଲେ । ଏହି ଅଭିଯାନ ପ୍ରମାଣ କରିଛି ଯେ ଶ୍ରୀରାମଙ୍କ ସହ ଭାରତରେ ରହୁଥିବା ଲୋକମାନେ କିପରି ଜଡିତ । ସମାଜର ସମସ୍ତ ବର୍ଗ ଏବଂ ଭିନ୍ନ ମତ ପନ୍ଥ ଏହି ଅଭିଯାନରେ ସହଭାଗି ହୋଇଛନ୍ତି । ଗ୍ରାମବାସୀ, ନଗରବାସୀ, ବନବାସୀ ଏବଂ ଗିରିବାସୀ ମାନଙ୍କର ବୈଭବଶାଳୀ ବ୍ୟକ୍ତି ବିଶେଷଙ୍କ ଠାରୁ ଆରମ୍ଭ କରି ସାଧାରଣ ଗରିବ ଜନତା ପର୍ଯ୍ୟନ୍ତ ସମସ୍ତେ ମିଶି ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ସଂପୂର୍ଣ୍ଣ ଭାବରେ ନିଜ ନିଜର ସହଯୋଗ ପ୍ରଦାନ କରିଛନ୍ତି । ଏହି ଅସାଧାରଣ ଉତ୍ସାହ ଓ ଆକୁଣ୍ଠସହଯୋଗ ପାଇଁ ପ୍ରତିନିଧି ସଭା ସମସ୍ତ ରାମଭକ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି ।

ନିଧି ସମର୍ପଣ ଅଭିଯାନ ଏକ ଜନ ସଂପର୍କ ଅଭିଯାନରେ ପରିଣତ ହୋଇଥିଲା । ଏହି ଅଭିଯାନରେ ସାରା ଦେଶରେ ସ୍ୱୟଂସେବକମାନେ ୫,୪୫,୭୩୭ ସ୍ଥାନରେ ପହଂଚିଥିଲେ ଏବଂ ପ୍ରାୟ ୨୦ ଲକ୍ଷ କାର୍ଯ୍ୟକର୍ତ୍ତା ଏହି ସଂପର୍କ ଅଭିଯାନରେ ଲାଗିଥିଲେ । ଏହି ଅଭିଯାନ ମାଧ୍ୟମରେ ସ୍ୱୟଂସେବକମାନେ ଦେଶର ୧୨,୪୭,୨୧,୦୦୦ ପରିବାରରେ ପହଁଚି ସଂପର୍କ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ଆଧ୍ୟାତ୍ମିକ ଜାଗରଣ, ରାଷ୍ଟ୍ରୀୟ ଏକତା, ସମାଜିକ ସମରସତା ଏବଂ ସଦଭାବ ତଥା ସମର୍ପଣର ବିକାଶ ହେବା ସହିତ ଦେଶର ଅନ୍ତର୍ନିହିତ ଶକ୍ତି ଜାଗ୍ରତ ହୋଇ ପାରିଛି ।

କରୋନା ସମୟରେ ଶାଖା ବନ୍ଦ ଥିଲା, କିନ୍ତୁ ସଂଘର ସ୍ୱୟଂସେବକମାନେ ସକ୍ରିୟ ଥିଲେ । କରୋନା କଟକଣା ଉଠିବା ପରେ ଭାରତରେ ୭୪,୦୦୦ ସଂଘ ଶାଖା ଚାଲୁଅଛି । ଓଡିଶାରେ ମଧ୍ୟ ୧୫୬୫ଟି ଶାଖା ଲାଗୁଛି । ବର୍ତମାନ ପରିବାର ପ୍ରବୋଧନ, ଗୋ ସେବା, ପର୍ଯ୍ୟାବରଣ ସୁରକ୍ଷା ଏବଂ ସାମାଜିକ ସମରସତା ଗତିବିଧି ଆଦି କାର୍ଯ୍ୟକ୍ରମ ଚାଲୁଅଛି । ଆଗାମୀ ସମୟରେ ଗ୍ରାମ ବିକାଶ ଏବଂ ଜୈବିକ କୃଷି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ କାମ ଆରମ୍ଭ କରାଯିବ । ୧୩ ଅପ୍ରେଲରେ ସଂଘ ଭୂମି ସୁପୋଷଣ (ଭୂମି ପୁଷ୍ଟିକର) ଅଭିଯାନ ଆରମ୍ଭ କରିବାକୁ ଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି,ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଓ ଭାରତର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

## ବିଶ୍ୱ ଜଳଦିବସ: ବିହନ ପିଣ୍ଡୁଳାରେ ଜଳ ବଞ୍ଚିବାର ବାର୍ତ୍ତା




ଭୁବନେଶ୍ୱର (ପିଏନ୍): ମାର୍ଚ୍ଚ ୨୨ ତାରିଖକୁ ସାରା ବିଶ୍ୱ ଜଳ ଦିବସ ରୂପେ ପାଳନ କରୁଛି। ସମ୍ପ୍ରତି ସାରା ବିଶ୍ୱ ଦିନକୁ ଦିନ ଜଳସଙ୍କଟ ଆଡ଼କୁ ଗତି କରୁଛି। ପରିବେଶବିତ୍, ବୈଜ୍ଞାନିକମାନଙ୍କ ପାଇଁ ଏହା ଚିନ୍ତାର ବିଷୟ ପାଲଟିଯାଇଛି। କିପରି ଭାବେ ଏ ବିଶ୍ୱକୁ ଏ ସଙ୍କଟରୁ ଉଦ୍ଧାର କରିବେ ଦିନରାତି ଗବେଷଣା ବି ଚାଲିଛି। ଜନ ସଚେଜନତା ବି ସୃଷ୍ଟି କରାଯାଉଛି। ଭୂତଳ ଜଳ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏବେଠାରୁ ପାଣି ପାଇଁ ଚାରିଆଡ଼େ ଲୋକେ ତ୍ରାହି ବିକଳର ଦୃଶ୍ୟ ଦେଖିବାକୁ ମିଳିଲାଣି। ଭାଗବତ କୁହେ ପାଣି, ପବନ ଲାଗି ଦେହ, ଏଥୁ ଅଧିକେ କିଛି କୁହ। ଜଳ ବଞ୍ଚିଲେ ଜୀବନ ବଞ୍ଚିବ। ସେଥିପାଇଁ ଜଳର ଅନ୍ୟ ନାମ ଜୀବନ ବୋଲି କହିଥାଉ। ଏକ ବୁନ୍ଦା ଜଳ ଜଣେ ଶୋଷିଲା ଲୋକ ପାଇଁ ବହୁ ମଲ୍ୟବାନ। ଜାତିସଂଘ ଦ୍ୱାରା ହୋଇଥିବା ପରିସଂଖ୍ୟାନ ରିପୋର୍ଟ କୁହେ ପୃଥିବୀ ଜନସଂଖ୍ୟାର ୨.୧ ବିଲିୟନ ଲୋକ ନିରାପଦ ପାନୀୟ ଜଳ ପାଆନ୍ତି ନାହିଁ। ପ୍ରତି ୪ଟି ପ୍ରାଥମିକ ସ୍କୁଲ୍‌ରୁ ୧ଟି ସ୍କୁଲ୍‌ରେ ନିରାପଦ ପାନୀୟ ଜଳର ସୁବିଧା ନଥାଏ। ପ୍ରାୟ ବର୍ଷକୁ ୫ ବର୍ଷରୁ କମ୍ ୭ଶହ ପିଲା ଅପରିଷ୍କାର ପାଣି ପିଇ ଡ଼ାଇରିଆ ଯୋଗୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ମାର୍ଟନଗରୀ ଭୁବନେଶ୍ୱର ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ ଠାରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବିଶ୍ୱ ଜଳ ଦିବସ ଅବସରରେ ବିହନ ପିଣ୍ଡୁଳାରେ ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛନ୍ତି। ମାଟି, ଖତ, ମଞ୍ଜିରେ ପ୍ରସ୍ତୁତ ଏହି ପରିବେଶ ଉପଯୋଗୀ ବିହନ ପେଣ୍ଡୁ ଗୁଡ଼ିକୁ ଗଛ ରୂପରେ ସ୍ଥାନିତ କରି ଜଳସଂରକ୍ଷଣ ଦିଗରେ ଗଛର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଯାହା ସେ ଏହି ବିହନ ପିଣ୍ଡୁଳାରେ ଦର୍ଶାଇଛନ୍ତି। ନିମ୍ନଗାମୀ ଜଳକୁ ରୋକିବାରେ ହେଉ, କି ଜଳ ସଞ୍ଚୟ ହେଉ, କି ପରିବେଶ ସନ୍ତୁଳନ ଦିଗରେ ଗଛର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଏହି ସଙ୍କଟ ପରିସ୍ଥିତିରେ ବିହନ ପିଣ୍ଡୁଳାରେ ଯଥେଷ୍ଟ ଆବଶ୍ୟକତା ରହିଛି। ସ୍ୱଳ୍ପ ଖର୍ଚ୍ଚ ଓ କମ୍ ସମୟରେ ସବୁଜିମା ସୃଷ୍ଟି କରିବା ଦିଗରେ ବିହନ ପେଣ୍ଡୁ ଅର୍ଥାତ୍ (ସିଡ୍‌ବଲ୍) ଏକମାତ୍ର ସାହା ଯାହା ଜଳ ସଙ୍କଟକୁ ରୋକିବାରେ ବେଶ୍ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ ଆଶା ପ୍ରକଟ କରିଛନ୍ତି। ଏଣୁ ପ୍ରତ୍ୟେକ ମଣିଷ ନିଜ ପାଇଁ ଓ ଭବିଷ୍ୟତର ପିଢୀ ପାଇଁ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ସଂକଳ୍ପ ନିଅନ୍ତୁ ବୋଲି ସୁଶାନ୍ତ କହିଛନ୍ତି।

## ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ କ୍ରୀଡା ଉପକରଣ ବଣ୍ଟନ



ଯୋଡା (ପିଏନ୍): ୧୫ତମ ଟାଟା ସ୍ୱେଚ୍ଛାସେବୀ ସପ୍ତାହ ପାଳନର ଅଂଶବିଶେଷ ଭାବେ ଟାଟାଷ୍ଟିଲ ଯୋଡ଼ାର ଅଧିକାରୀମାନେ ଗତ ଶନିବାର ଦିନ ‘ଆନ୍ତର୍ଜାତୀୟ ଖୁସି ଦିବସ’ ଅବସରରେ କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧିନସ୍ଥ ଯୋଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହିତ କିଛି ଭଲ ସମୟ ଅତିବାହିତ କରିଛନ୍ତି। ଏକ ହସଖୁସିଭରା ପରିବେଶରେ ଛାତ୍ରଛାତ୍ରୀମାନଙ୍କ ସହିତ କିଛି ସମୟ ଅତିବାହିତ କରିବା ସହିତ ଅଧିକାରୀମାନେ ଛାତ୍ର ଛାତ୍ରୀମାନଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ। ବ୍ୟାଟ୍, ଫୁଟବଲ, ଦୌଡ଼ି ଡିଆଁ, ବ୍ୟାଡ଼ମିଣ୍ଟନ ର୍‌ୟାକେଟ୍, ଫ୍ଲାଇଂ ଡିସ୍କ, ଚେସ୍ ବୋର୍ଡ଼ ଓ ଲୁଡୁ ଇତ୍ୟାଦି କ୍ରୀଡ଼ା ଉପକରଣ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀମାନଙ୍କ ମୁହଁରେ ହସ ଫୁଟାଇପାରିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଟାଟା ସ୍ୱେଚ୍ଛାସେବୀ ସପ୍ତାହ ଅନ୍ତର୍ଗତ ଯୋଡ଼ାଠାରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

## ଆନନ୍ଦପୁର ରଥଦାଣ୍ଡରେ ସତ୍ୟନାରାୟଣ ପାଲା ଉଦ୍‌ଯାପିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବଡଦାଣ୍ଡ ଠାରେ ଗତ ୧୫ତାରିଖ ଠାରୁ ବାଦିପାଲା ଆରମ୍ଭ ହୋଇ ଉଦ୍‌ଯାପିତ ହୋଇଯାଇଛି । ଏହି ପାଲା କମିଟିର ସଭାପତି ଅନନ୍ତ ଚରଣ ସାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏହି ବାଦିପାଲାରେ ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ୧୭ ତାରିଖ ଦିନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ୧୮ତାରିଖ ଦିନ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ଅତିଥି ଭାବେ ଯୋଗ ଦେଇ ପାଲାପ୍ରେମୀଙ୍କୁ ଉତ୍ସାହିତ କରିଥିବା ବେଳେ ଶେଷ ଦିନରେ ସମାଜସେବୀ ଅଶୋକ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପାଲା କମିଟିର ସମ୍ପାଦକ ଆଶିଷ କୁମାର ପଟ୍ଟନାୟକ, ସଦସ୍ୟ ସତ୍ୟାନନ୍ଦ ମିଶ୍ର, ପବିତ୍ରମୋହନ ବେହେରା, ହର ସାହୁ, ହରମୋହନ ଧଳ, ବାଇଧର ରାମ, ଦେବରଂଜନ ସାହୁ, ବରିଷ୍ଠ ସାମ୍ବାଦିକ ମଦନ ପାଣି, ଯୁବ ସାମ୍ବାଦିକ ଅଭିନ୍ନ ରଣା, ନିର୍ମଳ ଚନ୍ଦ୍ର ରାଉଳ, କିରଣ ପାଢୀ ପ୍ରମୁଖ ଉପସ୍ଥିତ ରହି ପାଲାରେ ସହଯୋଗ କରିଥିଲେ ।

## ସଫଳ ମାଛ ଚାଷୀ ଅମିତଙ୍କୁ ପୁରସ୍କୃତ

ଆନନ୍ଦପୁର (ପିଏନ୍): ସଫଳ ଯୁବ ମାଛଚାଷୀ ଅମିତ ମାଛଚାଷରେ ସଫଳତା ହାସଲ କରି ସେ ଆଜି ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଏପରିକି ଅନ୍ୟ ଯୁବପୀଢିଙ୍କ ପାଇଁ ପ୍ରେରଣାଦାୟୀ ପାଲଟିଥିବା କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଂଚାୟତ ମଙ୍ଗଳାଗଡିଆ ଗାଁର ଯୁବ ଚାଷୀ ଅମିତ ଜେନାଙ୍କୁ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଛି । ଭୁବନେଶ୍ୱରରେ ଆୟୋଜିତ କୃଷି ଓଡିଶା-୨୦୨୧ କାର୍ଯ୍ୟକ୍ରମରେ ତାଙ୍କୁ କୃତୀ କୃଷକ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ରାଜ୍ୟ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଅମିତଙ୍କୁ ୧୦ହଜାର ଟଙ୍କା ସହ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ । ବର୍ତ୍ତମାନର ଯୁବକଯୁବତୀ ଚାକିରୀ ପଛରେ ଗୋଡାଇ ନିରାଶ ହେବାପରେ ଘରେ ବସି ରହୁଥିବା ବେଳେ ଅମିତ ଜେନା ନିଜ ଇଚ୍ଛାଶକ୍ତି ବଳରେ ଆଜି ଆଗକୁ ବଢି ପାରିଛନ୍ତି । ଅମିତଙ୍କ ବାପା କୃଷି ବିଭାଗର କର୍ମଚାରୀ । କୃଷି କ୍ଷେତ୍ରରେ ବାପାଙ୍କ ପରାମର୍ଶ ଅନୁଯାୟୀ ପ୍ରଥମେ ୧.୨୫ ଏକର ପରିମିତ ଜମି ଉପରେ ପୋଖରୀ ଖନନ କରିଥିଲେ । ଏହାପରେ ପ୍ରଥମେ ୪ହଜାର ମାଛ ଯାଆଁଳ ଛାଡି ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାପରେ କିଛି ମାସ ମଧ୍ୟରେ ୨୩ କୁଇଣ୍ଟାଲ ମାଛ ଧରିଥିଲେ । ଏବେ ସେ ଅଧିକ ପରିମାଣରେ ମାଛ ଉତ୍ପାଦନ କରି ପାରୁଛନ୍ତି । ଆଗ୍ରହର ସହ କାର୍ଯ୍ୟ କଲେ ଗୋଟିଏ ବର୍ଷ ମଧ୍ୟରେ ମାଛଚାଷ କରି ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରିହେବ ବୋଲି ଅମିତ କହିଛନ୍ତି । ଅନ୍ୟପଟେ ମାଛଚାଷ ପାଇଁ ସରକାରଙ୍କ ତରଫରୁ ମଧ୍ୟ ବିଭିନ୍ନ ସହାୟତା ମିଳୁଛି । ମାଛକୁ ଦିନକୁ ୨ଥର ଦାନା ଦେବା ସହ ପ୍ରତି ସପ୍ତାହରେ ପୋଖରୀର ରକ୍ଷଣାବେକ୍ଷଣ କରିବା ପାଇଁ ଦୁଇଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି । ମାଛଚାଷ ସହିତ ବତକ ଓ କୁକୁଡା ଚାଷ କରିବେ ବୋଲି ଅମିତ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ।




# ଓଲଟିଲା ପିକଅପ୍ ଭ୍ୟାନ୍ ୮ ମୃତ

କୋଲକାତା: ପଶ୍ଚିମବଙ୍ଗ ୨୪ ପ୍ରଗଣାର ବାରୁଇପୁର ବକୁଲତାଲା ନିକଟରେ ରବିବାର ବିଳମ୍ବିତ ରାତିରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଘଟଣାସ୍ଥଳରେ ୮ ଜଣଙ୍କର ମୃତ୍ୟୁ ଘଟିଛି ।ଅନ୍ୟ କେତେକ ଯାତ୍ରୀ ଆହତ ହୋଇଛନ୍ତି । ପୋଲିସର ସୂଚନା ଅନୁଯାୟୀ, ଦୃତ ଗତିରେ ଯାଉଥିବା ଏହି ପିକଅପ୍ ଭ୍ୟାନ୍ ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ଏଥିରେ ୨୮ ଜଣ ଯାତ୍ରା କରୁଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଯବାନ ମାନେ ସେଠାରୁ ୮ ଜଣଙ୍କ ଶବ ଉଦ୍ଧାର କରଛନ୍ତି । ଘଟଣାରେ ଗାଡିରେ ଯାତ୍ରା କରୁଥିବା ଅନ୍ୟ କେତେକ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି । ଆହତ ମାନଙ୍କୁ କୋଲକାତାର ବିଭିନ୍ନ ହସ୍ପିଟାଲରେ ଭର୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ମୃତକ ମାନେ ହେଲେ ରଫିକ୍ ଶେଖ୍ (୮୫), ବାବୁରାଲି ମିସ୍ତ୍ରୀ (୨୭), ଜମାଲ ଶେଖ୍ (୨୭), ସହିଦୁଲ ମୋଲ୍ଲା (୫୦), ହୁସେନ ଶେଖ୍ (୨୦) ।ଅନ୍ୟ ତିନି ମୃତକଙ୍କ ଶବ ଚିହ୍ନଟ ପ୍ରକ୍ରିୟା ଜାରୀ ରହିଛି । ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ୍ କୁ ଜବତ କରିଛି ପୋଲିସ। ବେପରୁଆ ଗାଡ଼ି ଚାଳନା ନେଇ ଚାଳକ ବିରୋଧରେ ମାମଲା ରୁଜୁ ହୋଇଛି । ବାରୁଇପୁର ଏସଡ଼ିପିଓ ଅଭିଶେକ ମଜୁମଦାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ରବିବାର ରାତି ପ୍ରାୟ ୧୨ଟା ସମୟରେ ଏହି ଦୁର୍ଘଟଣା ଘଟିଛି । ଗାଡି ଚଳାଉଥିବା ସମୟରେ ଚାଳକ ନିଶାଗ୍ରସ୍ତ ଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି । ଏହି ପିକଅପ୍ ଭ୍ୟାନ୍ ରେ ୨୭ ଜଣ ଯାତ୍ରୀ ହାୱଡ଼ା ଷ୍ଟେସନକୁ ଯାଉଥିଲେ । ତେବେ ହଠାତ୍ ଗାଡି ଚାଳକ ନିୟନ୍ତ୍ରଣ ହରାଇ ଏକ ବିଦ୍ୟୁତ ଖୁଂଟରେ ଧକ୍କା ଦେଇଥିଲା । ବିଦ୍ୟୁତ ଖୁଂଟରେ ଧକ୍କା ଦେବା ପରେ ପିକଅପ୍ ଭ୍ୟାନ୍ ଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ଘଟଣାରେ କେବଳ ଗାଡିରେ ସବାର ଥିବା ଲୋକ ଆହତ ହୋଇଛନ୍ତି ତାହା ନୁହେଁ, ବରଂ ଆଖପାଖରେ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି ।

# ପତ୍ରପୁର ପଂଚାୟତରେ ସରକାରୀ ରିଲିଫ ବଂଟନରେ ଅନିୟମିତତା ଅଭିଯୋଗ



କେନ୍ଦ୍ରାପଡା, (ପିଏନ)- ଆଳି ବ୍ଲକ ଅନ୍ତର୍ଗତ ପତ୍ରପୁର ଗ୍ରାମପଂଚାୟତର ବନ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନେ ଆଜି ବିଜେପି ନେତା ତଥା ଆଇନଜୀବି ନେହେରୁ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ହେଉଛି ଯେ ଚଳିତବର୍ଷ ପ୍ରଳୟଙ୍କରୀ ବନ୍ୟା ଓ ପ୍ରବଳ ବର୍ଷା ବିପ୍ୱାତ ଯୋଗୁଁ ଦୁର୍ବିସହରେ ପଡି ଯନ୍ତ୍ରଣା ଜନିତ ଜୀବନ ବିତାଉଥିବା ବେଳେ ସରକାରୀ ରିଲିଫ ଓ ଆର୍ଥିକ ସହାୟତରୁ ସେମାନଙ୍କୁ ବଂଚିତ କରାଯାଇଛି । ପତ୍ରପୁର ପଂଚାୟତର ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ ଜି.ଆର.ଏସ.ମିଳିତ ଭାବେ ସେମାନଙ୍କୁ ଅଣଦେଖା କରି ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ କରିଛନ୍ତି । ସେମାନେ ପଂଚାୟତ ଠାରୁ ଆରମ୍ଭକରି ଆଳି ବ୍ଲକର ବିଡିଓଙ୍କୁ ମଧ୍ୟ ଏସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେବି ସେମାନଙ୍କୁ ରିଲିଫ ପ୍ରଦାନ କରାଯାଇନାହିଁ । ଏଣୁ ଏହି ଅଭିଯୋଗର ତଦନ୍ତ କରାଯାଇ ସେମାନଙ୍କୁ ରିଲିଫ ଯୋଗାଇଦେବାକୁ କ୍ଷତିଗ୍ରସ୍ତମାନଙ୍କ ପକ୍ଷରୁ ସୁନିଲ କୁମାର ରାଉତ, ହରିହର ମହାରଣା, ହିମାଂଶୁ ଶେଖର ପରିଡା,ରତ୍ନାକର ବେହେରା, ସୁରେଶ ରାଉତ, ଭାଗବତ ପରିଡା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି ।

## ବସ୍ତିବାସିନ୍ଦାଙ୍କୁ ପଟ୍ଟାଦିଅ- ନହେଲେ ରାଜରାସ୍ତାରେ ବସିବୁ

ପୁରୀ: ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରୁଥିବାବେଳେ ପେଣ୍ଠକଟା ୩୧ ନମ୍ବର ୱାର୍ଡ଼ର ମା ହରଚଣ୍ଡି, ମା ତାରେଣୀ ବସ୍ତି ଓ ବିଜୁ ନଗର ବାସିନ୍ଦାମାନଙ୍କୁ ଏ ପର୍ଯ୍ୟନ୍ତ ପଟ୍ଟା ମିଳିନାହିଁ । ଏ ସମ୍ପର୍କରେ ବସ୍ତି ବାସିନ୍ଦାଙ୍କ ପ୍ରତିନିଧି ଦଳ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଇଛନ୍ତି ଯେ ତିନୋଟି ବସ୍ତି ବାସ୍ତିନ୍ଦାମାନେ ଦୀର୍ଘ ୧୫ ବର୍ଷ ହେଲାଣି ସେଠାରେ ଘର କରି ରହିଛନ୍ତି। ସମସ୍ତେ ଗରିବ ଓ ଦିନ ମଜୁରିଆ ଶ୍ରେଣୀର ଜନଗଣନା, ଆଧାରକାର୍ଡ଼, ରେସନକାର୍ଡ଼, ଭୋଟ ପରିଚୟ ପତ୍ର, ପାଣି ଓ ବିଦ୍ୟୁତ୍ ବିଲ୍‌ରେ ସେହି ଅଂଚଳର ନାମ ରହିଛି । ୩ଟି ବସ୍ତିରେ ୪୫୦ ପରିବାର ରହିଛନ୍ତି । ସେମାନଙ୍କୁ ମୌଳିକ ସୁବିଧା ମିଳି ପାରିନାହିଁ । ବସ୍ତି ତାଲିକାରେ ତାଙ୍କ ବସ୍ତିଗୁଡ଼ିକର ନାମ ନଥିବାରୁ ସେମାନେ ସରକାରୀ ସାହାର୍ଯ୍ୟ ଓ ଜମି ପଟ୍ଟା ପାଇପାରୁ ନାହାନ୍ତି। ଏଣୁ ତୁରନ୍ତ ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ନକଲେ ବାଧ୍ୟ ହୋଇ ରାଜରାସ୍ତାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପଂଚାୟତରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମଧ୍ୟ ଜଣାଇଛନ୍ତି । ପ୍ରତିନିଧି ଦଳରେ ବସ୍ତି ସୁରକ୍ଷା ମଂଚର ସଂପାଦକ ସୀମାଂଚଳ ଦାସ, ମା ତାରେଣୀ ବସ୍ତି ଉନ୍ନୟନ କମିଟି ସଭାପତି ବୈକୁଣ୍ଠ ନାୟକ ଓ ସଂପାଦକ ସନ୍ତୋଷୀ ଦାସ, ଜୀବନ ଜ୍ୟୋତି ଜନ ମହାସଂଘର ସଭାପତି ଏମ୍ କ୍ରିଷ୍ଣା ରେଡ୍ଡୀ ଓ ସଂପାଦକ ଆର ରାମ ରେଡ୍ଡୀ ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।

## ହଟ୍ଟଗୋଳ ମଧ୍ୟରେ ଲୋକସଭା ପାରିତ

ନୂଆଦିଲ୍ଲୀ: ଲୋକସଭା ଏବଂ ରାଜ୍ୟସଭାରେ ସୋମବାର ଦିନ ବିରୋଧିଙ୍କ ହଟ୍ଟଗୋଳ କରିବା କାରଣରୁ ବ୍ୟବଧାନ ରହିବା ଏବଂ କାର୍ଯ୍ୟକାଳ ସ୍ଥଗିତ ହୋଇଥିଲା। ଏହାମଧ୍ୟରେ ଗୃହରେ କାର୍ଯ୍ୟକ୍ରମ ଜାରି ରହିଥିଲା। ଲୋକସଭାରେ ସାମାନ୍ୟ ବୀମା ବ୍ୟବସାୟ(ରାଷ୍ଟ୍ରୀୟକରଣ) ସଂଶୋଧନ ବିଧେୟକ, ୨୦୨୧ ଏବଂ ରାଜ୍ୟସଭାରେ ଅନ୍ତର୍ଦେଶୀୟ ପୋତ ବିଧେୟକ, ୨୦୨୧ ପାରିତ କରାଯାଇଛି ।ଲୋକସଭାର କାର୍ଯ୍ୟକାଳର ଆରମ୍ଭରେ ବ୍ୟାଟମିଂଟନ ଖେଳାଳୀ ପିବି ସିଂଧୁଙ୍କୁ ଟୋକିଓ ଅଲମ୍ପିକ୍‌ରେ ବ୍ରୋଂଜ ପଦକ ଜିତବା ପାଇଁ ବଧାଇ ଦିଆଗଲା। ଏହାପରେ ପ୍ରଶ୍ନକାଳ ଚାଲିଥିଲା ଏବଂ ବିରୋଧିଙ୍କ ହଟ୍ଟଗୋଳ କାରଣରୁ କାର୍ଯ୍ୟକ୍ରମ ୧୨ଟା ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା। ଏହାପରେ ବ୍ୟବଧାନ କାରଣରୁ କାର୍ଯ୍ୟକାଳ ୨ଟା ପର୍ଯ୍ୟନ୍ତ ଏବଂ ପରେ ୩.୩୦ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା। ଏହାମଧ୍ୟରେ ଲୋକସଭାରେ ସାଧାରଣ ବୀମା ବ୍ୟବସାୟ(ରାଷ୍ଟ୍ରୀୟକରଣ) ସଂଶୋଧନ ବିଧେୟକ, ୨୦୨୧ ପାରିତ କରାଯାଇଛି। ଏହା ପୂର୍ବରୁ ଟ୍ରିବ୍ୟୁନାଲ ରିଫର୍ମସ ବିଲ୍, ୨୦୨୧ ଗୃହରେ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟସଭାରେ ମଧ୍ୟ ସୋମବାର ଦି କାର୍ଯ୍ୟକାଳ ପିବି ସିନ୍ଧୁଙ୍କୁ ବଧାଇ ଦେବାରୁ ଆରମ୍ଭ ହୋଇଥିଲା। ଦିନସାରା ରାଜ୍ୟସଭାରେ ହଟ୍ଟଗୋଳ ମଧ୍ୟ ଜାରି ରହିଥିଲା। ଏ ସମୟରେ ଗୃହରେ ଅନ୍ତର୍ଦେଶୀୟ ପୋତ ବିଧେୟକ, ୨୦୨୧ ପାରିତ ହୋଇଥିଲା। କେନ୍ଦ୍ରୀୟ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ସମ୍ବିଧାନ(ଅନୁସୂଚିତ ଜନଜାତି) ଆଦେଶ(ସଂଶୋଧନ) ବିଧେୟକ, ୨୦୨୧ ପେଶ୍ କରାଯାଇଥିଲା। ଦୁଇ ଗୃହର କାର୍ଯ୍ୟକାଳ ସନ୍ଧ୍ୟାରେ ବିରୋଧୀଙ୍କ ହଟ୍ଟଗୋଳ ଚାଲିଥିବାରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା।

## ହଟ୍ଟଗୋଳ ମଧ୍ୟରେ ଲୋକସଭା ପାରିତ

ନୂଆଦିଲ୍ଲୀ: ଲୋକସଭା ଏବଂ ରାଜ୍ୟସଭାରେ ସୋମବାର ଦିନ ବିରୋଧିଙ୍କ ହଟ୍ଟଗୋଳ କରିବା କାରଣରୁ ବ୍ୟବଧାନ ରହିବା ଏବଂ କାର୍ଯ୍ୟକାଳ ସ୍ଥଗିତ ହୋଇଥିଲା। ଏହାମଧ୍ୟରେ ଗୃହରେ କାର୍ଯ୍ୟକ୍ରମ ଜାରି ରହିଥିଲା। ଲୋକସଭାରେ ସାମାନ୍ୟ ବୀମା ବ୍ୟବସାୟ(ରାଷ୍ଟ୍ରୀୟକରଣ) ସଂଶୋଧନ ବିଧେୟକ, ୨୦୨୧ ଏବଂ ରାଜ୍ୟସଭାରେ ଅନ୍ତର୍ଦେଶୀୟ ପୋତ ବିଧେୟକ, ୨୦୨୧ ପାରିତ କରାଯାଇଛି । ଲୋକସଭାର କାର୍ଯ୍ୟକାଳର ଆରମ୍ଭରେ ବ୍ୟାଟମିଂଟନ ଖେଳାଳୀ ପିବି ସିଂଧୁଙ୍କୁ ଟୋକିଓ ଅଲମ୍ପିକ୍‌ରେ ବ୍ରୋଂଜ ପଦକ ଜିତବା ପାଇଁ ବଧାଇ ଦିଆଗଲା। ଏହାପରେ ପ୍ରଶ୍ନକାଳ ଚାଲିଥିଲା ଏବଂ ବିରୋଧିଙ୍କ ହଟ୍ଟଗୋଳ କାରଣରୁ କାର୍ଯ୍ୟକ୍ରମ ୧୨ଟା ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା। ଏହାପରେ ବ୍ୟବଧାନ କାରଣରୁ କାର୍ଯ୍ୟକାଳ ୨ଟା ପର୍ଯ୍ୟନ୍ତ ଏବଂ ପରେ ୩.୩୦ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା। ଏହାମଧ୍ୟରେ ଲୋକସଭାରେ ସାଧାରଣ ବୀମା ବ୍ୟବସାୟ(ରାଷ୍ଟ୍ରୀୟକରଣ) ସଂଶୋଧନ ବିଧେୟକ, ୨୦୨୧ ପାରିତ କରାଯାଇଛି। ଏହା ପୂର୍ବରୁ ଟ୍ରିବ୍ୟୁନାଲ ରିଫର୍ମସ ବିଲ୍, ୨୦୨୧ ଗୃହରେ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟସଭାରେ ମଧ୍ୟ ସୋମବାର ଦି କାର୍ଯ୍ୟକାଳ ପିବି ସିନ୍ଧୁଙ୍କୁ ବଧାଇ ଦେବାରୁ ଆରମ୍ଭ ହୋଇଥିଲା। ଦିନସାରା ରାଜ୍ୟସଭାରେ ହଟ୍ଟଗୋଳ ମଧ୍ୟ ଜାରି ରହିଥିଲା। ଏ ସମୟରେ ଗୃହରେ ଅନ୍ତର୍ଦେଶୀୟ ପୋତ ବିଧେୟକ, ୨୦୨୧ ପାରିତ ହୋଇଥିଲା। କେନ୍ଦ୍ରୀୟ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ସମ୍ବିଧାନ(ଅନୁସୂଚିତ ଜନଜାତି) ଆଦେଶ(ସଂଶୋଧନ) ବିଧେୟକ, ୨୦୨୧ ପେଶ୍ କରାଯାଇଥିଲା। ଦୁଇ ଗୃହର କାର୍ଯ୍ୟକାଳ ସନ୍ଧ୍ୟାରେ ବିରୋଧୀଙ୍କ ହଟ୍ଟଗୋଳ ଚାଲିଥିବାରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା।

## ଭଦ୍ରକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଧନ୍ୟବାଦ ସମାରୋହ

ଭଦ୍ରକ:ଦୀର୍ଘବର୍ଷର ବ୍ୟବଧାନ ପରେ ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି ଦାବିକୁ ରାଜ୍ୟ ସରକାର ସହୃଦୟତାର ସହ ବିଚାର କରି ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନକୁ ଆଖି ଆଗରେ ରଖି ରେସିଡେନ୍ସି ପରିୟଡ୍‌କୁ ୨ ବର୍ଷରୁ ୧ ବର୍ଷ ଓ ୧ ବର୍ଷରୁ ୬ ମାସ ଘୋଷଣା କରିଥିବାରୁ ଭଦ୍ରକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ଏବଂ ଯାଜପୁର ଜିଲା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ଶିକ୍ଷକମାନଙ୍କ ଦାବି ପୂରଣ କରିବା ପାଇଁ ସରକାରଙ୍କ ସହିତ ବାରମ୍ବାର ଆଲୋଚନା କରି ଏହି ସଫଳତା ଦେଇଥିବାରୁ ରାଜ୍ୟ ମହାସଚିବ ଅମୀୟ କୁମାର ଦାସ, ସଭାପତି ହୃଦାନନ୍ଦ ଦ୍ୱିବେଦୀ, ଉପସଭାନେତ୍ରୀ ସଂଗୀତା ଦାଶ, ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ରଙ୍କୁ ମଧ୍ୟ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ଏହି ଧନ୍ୟବାଦ ସଭା ଜିଲା ସଭାପତି ଭାସ୍କର ଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ର, ଜିଲା ସଂପାଦକ ମନୋରଂଜନ ନାୟକ, ଉପଦେଷ୍ଟା ବାବୁଲା ରାଉତ, ଜିଲା କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ, ଶିକ୍ଷୟିତ୍ରୀ ମିନତୀ ଦାଶ, ମିନତୀ ନାୟକ, ସସ୍ମିତା ମହାନ୍ତି, ଗୀତାଞ୍ଜଳି ପଣ୍ଡା, ସଂଘମିତ୍ରା ବଳ, ମାନସୀ ହୋତା ଓ ଶିକ୍ଷକ ସୁରେନ୍ଦ୍ର ମଲ୍ଲିକ ଓ ଅବଦୁଲ ରବ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜାତି ଆଧାରିତ ଜନଗଣନା ଦାବି ନେଇ ଗୃହମନ୍ତ୍ରୀଙ୍କୁ ସାକ୍ଷାତ କଲେ ଜନତା ଦଳ(ୟୁ) ସାଂସଦ

ନୂଆଦିଲ୍ଲୀ:ରାଷ୍ଟ୍ରୀୟ ଜନତାନ୍ତ୍ରିକ ଗଠବନ୍ଧନ(ରାଜଗ)ର ସହଯୋଗୀ ଜନତା ଦଳ(ୟୁନାଇଟେଡ)(ଜଦ-ୟୁ) ସାଂସଦମାନଙ୍କର ଏକ ପ୍ରତିନିଧିମଣ୍ଡଳ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ସାକ୍ଷାତ କରି ଜାତି ଆଧାରିତ ଗଣନା କରିବାପାଇଁ ଦାବି କରିଛନ୍ତି ।ଜଦ-ୟୁର ନବନିର୍ବାଚିତ ଅଧ୍ୟକ୍ଷ ରାଜୀବ ରଞ୍ଜନ ଓରଫ ଜଲ୍ଲନ ସିଂହଙ୍କ ନେତୃତ୍ୱରେ ପାର୍ଟିର ୧୧ ସାଂସଦ ଶ୍ରୀ ଶାହଙ୍କ ସହ ସାକ୍ଷାତରେ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ସମ୍ବନ୍ଧରେ ଆଇନ୍ ଲଙ୍ଘଙ୍କର କରିବା ଉପରେ ଜୋର୍ ଦେଇଥିଲେ। ଶ୍ରୀ ଶାହ ସାକ୍ଷାତ ପରେ ଜଦ-ୟୁ ଅଧ୍ୟକ୍ଷ ସମ୍ବାଦଦାତାଙ୍କ ସହ କଥାବାର୍ତା କରି କହିଛନ୍ତି ଯେ ତାଙ୍କ ପାର୍ଟି ଆରମ୍ଭରୁ ଜାତି ଆଧାରିତ ଜନଗଣନାର ଦାବି କରିଥିଲା। ବିହାର ବିଧାନସଭାରେ ୨୦୧୯ ଏବଂ ୨୦୨୦ରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ କରି କେନ୍ଦ୍ର ସରକାରଙ୍କୁ ପଠାଇଛି। ଶ୍ରୀ ସିଂହ କହିଛନ୍ତି ଯେ ସେ ଏ ବିଷୟରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପାଇଁ ସମୟ ମାଗିଥିଲେ। କିନ୍ତୁ ତାଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଗଲା ଯେ କେନ୍ଦ୍ରୀୟ ଗୃହମନ୍ତ୍ରୀଙ୍କ ସହ ମିଳି ଜ୍ଞାପନ ଦେଇଥିଲେ। ସେ କହିଥିଲେ ଯେ ଶ୍ରୀ ଶାହ ଜ୍ଞାପନ ନେବାପରେ ଆଶ୍ୱସ୍ତ କରିଛନ୍ତି ଯେ ଏହା ଉପରେ ଆଲୋଚନା ହେବ।

## ଜାତି ଆଧାରିତ ଜନଗଣନା ଦାବି ନେଇ ଗୃହମନ୍ତ୍ରୀଙ୍କୁ ସାକ୍ଷାତ କଲେ ଜନତା ଦଳ(ୟୁ) ସାଂସଦ

ନୂଆଦିଲ୍ଲୀ : ରାଷ୍ଟ୍ରୀୟ ଜନତାନ୍ତ୍ରିକ ଗଠବନ୍ଧନ(ରାଜଗ)ର ସହଯୋଗୀ ଜନତା ଦଳ(ୟୁନାଇଟେଡ)(ଜଦ-ୟୁ) ସାଂସଦମାନଙ୍କର ଏକ ପ୍ରତିନିଧିମଣ୍ଡଳ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ସାକ୍ଷାତ କରି ଜାତି ଆଧାରିତ ଗଣନା କରିବାପାଇଁ ଦାବି କରିଛନ୍ତି ।ଜଦ-ୟୁର ନବନିର୍ବାଚିତ ଅଧ୍ୟକ୍ଷ ରାଜୀବ ରଞ୍ଜନ ଓରଫ ଜଲ୍ଲନ ସିଂହଙ୍କ ନେତୃତ୍ୱରେ ପାର୍ଟିର ୧୧ ସାଂସଦ ଶ୍ରୀ ଶାହଙ୍କ ସହ ସାକ୍ଷାତରେ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ସମ୍ବନ୍ଧରେ ଆଇନ୍ ଲଙ୍ଘଙ୍କର କରିବା ଉପରେ ଜୋର୍ ଦେଇଥିଲେ। ଶ୍ରୀ ଶାହ ସାକ୍ଷାତ ପରେ ଜଦ-ୟୁ ଅଧ୍ୟକ୍ଷ ସମ୍ବାଦଦାତାଙ୍କ ସହ କଥାବାର୍ତା କରି କହିଛନ୍ତି ଯେ ତାଙ୍କ ପାର୍ଟି ଆରମ୍ଭରୁ ଜାତି ଆଧାରିତ ଜନଗଣନାର ଦାବି କରିଥିଲା। ବିହାର ବିଧାନସଭାରେ ୨୦୧୯ ଏବଂ ୨୦୨୦ରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ କରି କେନ୍ଦ୍ର ସରକାରଙ୍କୁ ପଠାଇଛି ।ଶ୍ରୀ ସିଂହ କହିଛନ୍ତି ଯେ ସେ ଏ ବିଷୟରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପାଇଁ ସମୟ ମାଗିଥିଲେ। କିନ୍ତୁ ତାଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଗଲା ଯେ କେନ୍ଦ୍ରୀୟ ଗୃହମନ୍ତ୍ରୀଙ୍କ ସହ ମିଳି ଜ୍ଞାପନ ଦେଇଥିଲେ। ସେ କହିଥିଲେ ଯେ ଶ୍ରୀ ଶାହ ଜ୍ଞାପନ ନେବାପରେ ଆଶ୍ୱସ୍ତ କରିଛନ୍ତି ଯେ ଏହା ଉପରେ ଆଲୋଚନା ହେବ।

## ସର୍ବଦେବାଦେବୀ ମନ୍ଦିର ବୁଲି ଦେଖିଲେ ବିଧାୟକ

ଭଦ୍ରକ: ଭଦ୍ରକ ବ୍ଲକ୍ ଅଧୀନସ୍ଥ ଜଗଦଳପୁର ପଂଚାୟତରେ ଥିବା ସର୍ବଦେବାଦେବୀ ମନ୍ଦିରକୁ ଆଜି ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ବୁଲି ଦେଖିବା ସହ ବାସ୍ତୁବିତଙ୍କ ପରାମର୍ଶ ପରେ ମନ୍ଦିର ଗୁଡିକର ଉନ୍ନତି ପାଇଁ ଯଥାସାଧ ଚେଷ୍ଟା କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଜଗଦଳପୁର ପଂଚାୟତର ଧିନ୍ଦାସାହିରେ ସୁବାଷ ସାହୁଙ୍କ ଦ୍ୱାରା ନିର୍ମାଣ ହୋଇଥିବା ୫ ଗୋଟି ମନ୍ଦିର ମହାଦେବ, ହନୁମାନ, ରାମ-ସୀତା, ଦୁର୍ଗା ଓ ବିଷ୍ଣୁ ମନ୍ଦିର ପ୍ରତିଷ୍ଠା ପରେ ଦୀର୍ଘ ୮ ବର୍ଷ ଧରି ଅପୂଜା ରହିଥିବା କଥା ବିଧାୟକ ଶ୍ରୀ ମଲ୍ଲିକ ଜାଣିବାକୁ ପାଇଥିଲେ। ଏହାପରେ ସେ ଏହି ମନ୍ଦିରର ଉନ୍ନତି ପାଇଁ ଏକ ଟ୍ରଷ୍ଟ ବୋର୍ଡ ଗଠନ କରିବାର ପରାମର୍ଶ ଦେଇଥିଲେ। ତାଙ୍କ ପରାମର୍ଶ ଅନୁସାରେ ଶିକ୍ଷାବିତ୍ ଭାଗୀରଥି ନାୟକଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅନନ୍ତ ନାରାୟଣ ବାସୁଦେବ ସେବା ଟ୍ରଷ୍ଟ ଗଠିତ ହୋଇଛି। ଟ୍ରଷ୍ଟ ଗଠନ ପରେ ଆଜି ପ୍ରଥମ ଥର ପାଇଁ ବିଧାୟକ ଏହି ମନ୍ଦିର ବୁଲି ଦେଖିଥିବାରୁ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଶଙ୍ଖ ହୁଳହୁଳି ମଧ୍ୟରେ ବିଧାୟକଙ୍କୁ ପାଛୋଟି ନେବା ପରେ ଜଗଦଳପୁରର ପୂର୍ବତନ ସରପ ବିଜୟ ମହାପାତ୍ର, ଚଣ୍ଡିଗାଁର ସମିତି ସଭ୍ୟ ପ୍ରିୟବ୍ରତ ନାୟକ, ରାହାଞ୍ଜିର ପୂର୍ବତନ ସରପଂଚ ରବିନ୍ଦ୍ର ସାହୁ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସେନାପତି, ଭଦ୍ରକ ବାର୍ ଆସୋସିଏସନ୍‌ର ଉପସଭାପତି କରୁଣାକର ଦାଶ, ରାହାଞ୍ଜି ପଂଚାୟତର ସରପଂଚ ଉର୍ମିଳା ଜେନା, ସରପଂଚଙ୍କ ପ୍ରତିନିଧି ରାଜେନ୍ଦ୍ର ଦାଶ, ଟ୍ରଷ୍ଟର ସଂପାଦକ ଗଣେଶ ଦାଶ ଓ ସାମ୍ବାଦିକ ତପନ କୁମାର ପଣ୍ଡା ପ୍ରମୁଖ ଏକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ୧୧ ବର୍ଷ ପରେବି ନିର୍ମିତ ହୋଇପାରିଲାନି ଅଙ୍ଗନୱାଡି ନିଜସ୍ୱ ଗୃହ

ଭଦ୍ରକ:ସରକାରଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ବିଭିନ୍ନ ପ୍ରକଳ୍ପ ପାଇଁ ଗୃହ ନିର୍ମାଣ ହେଉଛି ସତ କିନ୍ତୁ ଏହା ସଠିକ କାର୍ଯ୍ୟରେ ବିନିଯୋଗ ହୋଇପାରୁନାହିଁ । ଯଦ୍ୱାରା ଉକ୍ତ ପ୍ରକଳ୍ପର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତରେ । ଅଙ୍ଗନୱାଡ଼ି କେନ୍ଦ୍ର ହେଉଛି ଶିଶୁର ଶିକ୍ଷାକ୍ଷେତ୍ରର ମୂଳଦୁଆ ପଡ଼ିବାର ପ୍ରଥମ ସୋପାନ । ଏହିଠାରୁ ହିଁ ତାର ଶିକ୍ଷା ଆରମ୍ଭ ହୋଇଥାଏ । କୋମଳମତୀ ଶିଶୁଙ୍କୁ ଶିକ୍ଷାମନସ୍କ କରିବା ପାଇଁ ସରକାରୀ ସ୍ତରରେ ଯୋଜନାମାନ ପ୍ରଣୟନ କରାଯାଇ ଏ ବାବଦକୁ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି । ମାତ୍ର ଏହାର ସଫଳ ରୂପାୟନ ହୋଇପାରୁ ନାହିଁ । କେବଳ ଅର୍ଥଶ୍ରାଦ୍ଧ ହେବାସାର ହେଉଛି । ଖାଲି ଯୋଜନା ପ୍ରସ୍ତୁତ କରିଦେଲେ ହେବ ନାହିଁ । ଏଥିପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ଲୋଡ଼ା ବୋଲି ଶିକ୍ଷାବିତ୍ ମାନେ ମତ ପ୍ରକାଶ କରୁଛନ୍ତି । ଉକ୍ତ ପଂଚାୟତର କାଦବରାଙ୍ଗରେ ଥିବା ୨ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ଗୋଟିଏ କେନ୍ଦ୍ରର ନିଜସ୍ୱ ଗୃହ ଥିବା ବେଳେ ୨୦୧୦ ମସିହା ଜାନୁଆରୀ ମାସରେ ପ୍ରତିଷ୍ଠିତ ଅନ୍ୟ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ଆଜି ପର୍ଯ୍ୟନ୍ତ ନିର୍ମିତ ହୋଇପାରିନାହିଁ । ପ୍ରତିଷ୍ଠା ହେବାକୁ ଇତି ମଧ୍ୟରେ ୧୧ବର୍ଷ ଅତିକ୍ରାନ୍ତ କରିଯାଇଥିଲେ ସୁଦ୍ଧା କେନ୍ଦ୍ରଟିର ନିଜସ୍ୱ ଗୃହ ନଥିବାରୁ ଏହା ବର୍ତମାନ ମିଶନଶକ୍ତି ଗୃହରେ ଚାଲିଛି । ପ୍ରଥମେ ପଂଚାୟତଗୃହରେ ଏହା ଚାଲୁଥିଲା । କିନ୍ତୁ ୨୦୧୭ ମସିହାରେ ଗୃହକୁ ନେଇ ବିଭିନ୍ନ ସମସ୍ୟା ଦେଖା ଦେବାରୁ ଏହା ଗତ ଫେବୃଆରୀ ମାସ ପର୍ଯ୍ୟନ୍ତ କର୍ମୀଙ୍କ ନିଜସ୍ୱ ଗୃହରେ ଚାଲୁଥିଲା । କିନ୍ତୁ ସରକାରଙ୍କ ପ୍ରଦତ ନିୟମ ଅନୁସାରେ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଅଙ୍ଗନୱାଡ଼ି କେନ୍ଦ୍ର ପକ୍କାଘରେ ଚାଲିବାର ଥିବାରୁ (ମିଶନଶକ୍ତି ଯେହେତୁ ଆଇସିଡ଼ିଏସ ଅଧିନରେ) ସିଡ଼ିପିଓଙ୍କ ଅନୁମତିରେ ଏହା ଗତ ଫେବୃଆରୀ ମାସରୁ ମିଶନଶକ୍ତି ଗୃହରେ ଚାଲୁଥିବାର ଜଣାପଡ଼ିଛି । ମିଶନଶକ୍ତିର ଗୋଟିଏ ଗୃହ ଥିବାରୁ କେନ୍ଦ୍ରଟିର ରୋଷେଇ କାର୍ଯ୍ୟରେ ନାନା ଅସୁବିଧା ହେଉଥିବାର ଦେଖିବାକୁ ମିଳୁଛି । କେନ୍ଦ୍ରଟିର ନିଜସ୍ୱ ଗୃହ ନଥିବାରୁ ଏହାର ଅନ୍ୟ କାର୍ଯ୍ୟକ୍ରମମାନ ମଧ୍ୟ ଏଠାରେ ସଂପାଦିତ ହେଉଛି । ନିଜସ୍ୱ ଗୃହ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକୀୟ କାଗଜ ଆଦି ମିଳିବାପରେ ଗୃହ ନିର୍ମାଣ କାର୍ଯ୍ୟ ହେବ ବୋଲି ସହକାରୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ଜୀବିକା ମିଶନ ସୁପରଭାଇଜର ବଦଳି ବାତିଲ ଦାବିରେ ଧାରଣା ୨ୟ ଦିନରେ

ଭଦ୍ରକ:ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଜୀବିକା ମିଶନ ସୁପରଭାଇଜର ମଞ୍ଜୁଲତା ନାୟକଙ୍କ ବଦଳି ବାତିଲ ଦାବିରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଧାରଣା ଆଜି ମଧ୍ୟ ଜାରି ହୋଇଛି। ଆଠ ପଂଚାୟତ ମହିଳା ମହାସଂଘ ସଭାପତି, ସମ୍ପାଦିକା ଓ ସଦସ୍ୟାମାନେ ବ୍ଲକ ଜୀବିକା ମିଶନ କାର୍ଯ୍ୟାଳୟରେ ତାଲା ପକାଇବା ସହ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଜୀବିକା ମିଶନ ବ୍ଲକ ପୋଗ୍ରାମ ମ୍ୟାନେଜର ପୀତବାସ ବିଶ୍ୱାଳଙ୍କ ଚକ୍ରାନ୍ତରେ ଶ୍ରୀମତୀ ନାୟକଙ୍କୁ ବନ୍ତ ବ୍ଲକକୁ ବଦଳି କରାଯାଇଛି ବୋଲି ଅଭିଯୋଗ କରି ରାମଚନ୍ଦ୍ରପୁର ପଂଚାୟତ ସମ୍ପାଦିକା ମିନତୀ ଦାସ, ବୟାବନାପୁର ପଂଚାୟତ ସମ୍ପାଦିକା ବାସନ୍ତି ବେହୁରିଆ, ସଭାନେତ୍ରୀ ବନମା ବେହୁରିଆ, ଦକ୍ଷିଣବାଡ ସମ୍ପାଦିକା ମାଳତୀ ପାତ୍ର, ସରସଦା ସମ୍ପାଦିକା ଜ୍ୟୋସ୍ନାରାଣୀ ସାହୁ, ସଭାପତି ବୀଣାପାଣୀ ଜେନା, କୁରିଗାଁ ସଭାପତି ବାସନ୍ତିଲତା ଥାଟୋଇ, ସମ୍ପାଦିକା ଜ୍ୟୋତିରେଖା ସାମଲ, ନଗୁଆଁ ସମ୍ପାଦିକା ଉମାରାଣୀ ନାୟକ ଓ ନେରଡା ସଭାପତି ବୋଇତାଇ ପ୍ରମୁଖ ଧାରଣା ଦେଇଥିଲେ। ଏଥିନେଇ ଜିଲ୍ଲା ଜୀବିକା ମିଶନ ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଛି ବୋଲି ଧାରଣାକାରୀମାନେ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା, ପ୍ରତିବାଦରେ ତିହିଡି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଗଣଧାରଣା, ବିଡିଓଙ୍କୁ ଦୁର୍ବ୍ୟବହାର, ବ୍ଲକ୍‌ରେ ଭଙ୍ଗାରୁଜା

ଭଦ୍ରକ: ଭଦ୍ରକ ଜିଲା ତିହିଡି ବ୍ଲକ୍ ଭାଜପା ପକ୍ଷରୁ ଆଜି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ପ୍ରତିବାଦରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ସମୟରେ ଭାଜପାର କେତେକ ମହିଳା ଓ ପୁରୁଷ ବିଡିଓଙ୍କ ବସନ୍ତ କୁମାର ସାହାଣୀଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ସହ ଅଧକ୍ଷା ଓ ତାଙ୍କ କାର୍ଯ୍ୟାଳୟରେ ଟେବୁଲ, କବାଟ, ଚେୟାର ଓ ନାମଫଳକ ଗୁଡିକ ଭଙ୍ଗାରୁଜା କରିଥିବାର ଜଣାଯାଇଛି। ଖବର ପାଇ ତିହିଡି ଥାନା ଅଧିକାରୀ ତପନ କୁମାର ପ୍ରଧାନ ଓ ଏଏସ୍ଆଇ କୈଳାସ ଖୁଂଟିଆ ସଦଳବଳେ ପହ୍ଂ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଓଟ୍ୟାଗ୍ କରାଯାଇଥିବା ଓ ବାଦ୍ ପଡିଥିବା ପ୍ରକୃତ ହିତାଧିକାରୀଙ୍କ ନାମ ସଂଯୋଗ କରାଯିବା ସହ ତଦନ୍ତ ପାଇଁ ଏକ ୪ ଜଣିଆ ଟିମ୍ ଗଠନ କରାଯାଇଥିବାବେଳେ କେତେକ ପଂଚାୟତରେ ସରକାରୀ ନିୟମ ଉଲ୍ଲଘଂନ କରାଯାଇ ତଦନ୍ତ କରାଯାଉଥିବାର ଅଭିଯୋଗ ହୋଇଛି। ଏହି ତଦନ୍ତ ଦାୟିତ୍ୱରେ ପଂଚାୟତରେ ଥିବା ଜିଆରଏସ୍‌ମାନଙ୍କୁ ଅନ୍ୟ ପଂଚାୟତ ଦାୟିତ୍ୱ ଦିଆଯିବା ଓ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ନିୟମିତ ପଂଚାୟତ ଆସିବାକୁ ନିର୍ଦ୍ଦେଶ ଦିଆଯିବା ଭଳି ଦାବି ଭାଜପା ପକ୍ଷରୁ କରାଯାଇଥିଲା। ଏ ସଂପର୍କରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପୂର୍ବରୁ କୁବେରା ଓ ଅନ୍ୟ ପଂଚାୟତରେ ହିତାଧିକାରୀ ଚୟନରେ ତ୍ରୁଟି ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏହାର କୌଣସି ପଦକ୍ଷେପ ନନିଆଯିବାରୁ ଆଜି ଏହି ଗଣଧାରଣା ଅନୁଷ୍ଠିତ ହୋଇଥିବା ବିଷୟ ଭାଜପା ତାର ଦାବିପତ୍ରରେ ଦର୍ଶାଇଛି। ଏହି ଧାରଣାରେ ଭାଜପାର ରାଜ୍ୟ ଯୁବନେତା ସଂଯୋଜକ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଆୟୋଜିତ ଏହି ଧାରଣାରେ ବରିଷ୍ଠ ଭାଜପା ନେତା ରଘୁନାଥ ପାତ୍ର, ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ବୁଦ୍ଧଦେବ ଜେନା, ସାଇଚରଣ ବେହେରା, ଶ୍ରୀଧର ନାଥ, ଚକ୍ରଧର ନାୟକ, ଶ୍ରୀକାନ୍ତ ମହାଳିକ, ତପନ ପାଣି, ପ୍ରତାପ ଜେନା, ପ୍ରିୟବ୍ରତ ପାଢୀ, ତପନ ରାଉଳ, ପ୍ରମୋଦ ଦାସ, ଭରତ ସାହୁ, ଶଶାଙ୍କ ରାଉଳ, ରମାକାନ୍ତ ପରିଡା, ରଂଜିତା ନାୟକ, କନକଲତା ନାୟକ, ଦୀପା ଜେନା, ଇନ୍ଦୁମତି ମଳିକ, ବିଜୟଲକ୍ଷ୍ମୀ ସେଠୀ, ମାଣିକ ମଲ୍ଲିକ, ଶରତ ଦାସ, ଉଦୟକର ରାଉତ, ଦୁର୍ଯ୍ୟୋଧନ ସ୍ୱାଇଁ, ଅମର ନାୟକ ଓ ସଂଜୟ ବେହେରା ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ତେବେ ବ୍ଲକ୍ କାର୍ଯ୍ୟାଳୟ ଭଂଗାରୁଜା ଘଟଣାକୁ ନେଇ ବିଡିଓ ଥାନାରେ ଏତଲା ଦେବେବୋଲି ଜଣାପଡିଛି।

## ନୂଆଗାଁ ଗ୍ରାମପଂଚାୟତରେ କଂଟ୍ରୋଲ ସାମଗ୍ରୀ ଓ ରିଲିଫ୍ ହଡପ ବିରୁଦ୍ଧରେ ବିକ୍ଷୋଭ

ଭଦ୍ରକ:ସାଧାରଣ ବଂଟନ ବ୍ୟବସ୍ଥାରେ ଆସୁଥିବା ଗହମ, ଚାଉଳ, କିରୋସିନିର ବ୍ୟାପକ ହଡପ ଓ ବାତ୍ୟା ୟାସ୍ ବିପନ୍ନ ଚାନ୍ଦବାଲି ନୂଆଗାଁ ଗ୍ରାମପଂଚାୟତ ବାସୀଙ୍କ ଗୋରୁ ପାଇଁ ଆସିଥିବା ଗୋଖାଦ୍ୟ ହଡପ ବିରୁଦ୍ଧରେ ଆଜି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନୂଆଗାଁ ଶାଖା ପକ୍ଷରୁ ଚାନ୍ଦବାଲି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏବଂ ହରିଲୁଟକାରୀଙ୍କୁ ଗିରଫ କରାଯିବା ନେଇ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲିଖିତ ତଥ୍ୟ ଅନୁଯାୟୀ ନୂଆଗାଁ ଗ୍ରାମପଂଚାୟତକୁ ଆସିଥିବା ଗହମ ଓ ଚାଉଳକୁ ସ୍ଥାନୀୟ ଡିଲର ମନଇଚ୍ଛା କାଟିନେବା ସହ ପ୍ରତି କାର୍ଡ ପିଛା ୨ ଲିଟର କିରୋସିନି ଦେବା ପରିବର୍ତେ ୧ ଲିଟର ବଂଟନ କରିଛନ୍ତି। ପ୍ରତି କାର୍ଡ ପିଛା ମାସିକ ୧ ଲିଟର କିରୋସିନି ହଡପ କରାଯାଇଛି। କିରୋସିନି ଲିଟର ବେଆଇନ୍ ଭାବେ ୪୫ ଟଙ୍କା ଲେଖାଏଁ ଆଦାୟ ହୋଇଛି। ବାତ୍ୟା ୟାସ୍‌ରେ ଏହି ପଂଚାୟତକୁ ଆସିଥିବା ଗୋଖାଦ୍ୟ ବଂଟା ନଯାଇ ସେଥିରୁ କିଛି ହଡପ ହେବା ସହ କିଛି ପଂଚାୟତ କାର୍ଯ୍ୟାଳୟ ବାରଣ୍ଡାରେ ପଡି ନଷ୍ଟ ହେଉଛି। ଏଣୁ କଂଟ୍ରୋଲ ସାମଗ୍ରୀ ଓ ରିଲିଫ୍ ହଡପକାରୀଙ୍କୁ ତୁରନ୍ତ ଗିରଫ କରାଯିବାର ଦାବି ନେଇ ସ୍ଥାନୀୟ ସିପିଆଇଏମ୍‌ର କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ଆସି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ ଓ ଆନ୍ଦୋଳନରେ ସିପିଆଇଏମ୍‌ର ଭଦ୍ରକ ଜିଲା କମିଟି ସଦସ୍ୟ ବିକାଶ ନାଥ, ଚାନ୍ଦବାଲି ଆଂଚଳିକ କମିଟି ସଂପାଦକ ମଳୟ ଭୋଇ, ଯୁବନେତା ମାନସ ମହାଳିକ, ଚର୍ତୁଭୁଜ ବିଶ୍ୱାଳ, ଶ୍ରୀତମ ମହାଳିକ, ଶଶିକାନ୍ତ ମହାଳିକ, ମହିଳା ନେତ୍ରୀ ଅର୍ଣ୍ଣପୂର୍ଣ୍ଣା ସେଠୀ ପ୍ରମୁଖ ଯୋଗଦେଇ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତେବେ ଆସନ୍ତା ୩ ତାରିଖ ଦିନ ବ୍ଲକ୍ ଯୋଗାଣ ଅଧିକାରୀ କ୍ଷେତ୍ରୀୟ ତଦନ୍ତ କରିବା ପରେ ହଡପକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବାପରେ ଏହା ପ୍ରତ୍ୟାହୃତ ହୋଇଛି। ଏହି ଆନ୍ଦୋଳନରେ ନୂଆଗାଁ ଗ୍ରାମପଂଚାୟତର ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ସିପିଆଇଏମ୍ କର୍ମୀ ସାମିଲ ହୋଇଥିଲେ।




# ଧୂମପାନ ଓ ଲିଭର୍ ସମସ୍ୟା



ମାତ୍ର କେଇ କ୍ଷଣିକର ଆନନ୍ଦ। ହେଲେ ତା' ପରେ... ସେହି ଧୂଆଁରେ ଧୂଆଁ ହୋଇଯାଉଛି ଲକ୍ଷ ଲକ୍ଷ ଜୀବନ। ଧ୍ୱଂସ ହେଉଛି ମାନବ ସମ୍ବଳ। ଦୋହଲିଯାଉଛି ପରବାରର ଅର୍ଥନୈତିକ ସ୍ଥିତି। ପଇସା ଦେଇ କିଣୁଛେ ରୋଗ। ଝାଳବୁହା ଧନକୁ ଅଜାଡ଼ି ଦେଉଛେ ପାନ ଦେକାନ ଆଉ ଡାକ୍ତରଖାନାରେ। ସୁନ୍ଦର ଭବିଷ୍ୟତକୁ ଠେଲିଦେଉଛେ ଅନ୍ଧାରର ଅତଳଗୁହା ଭିତରକୁ। ଏହା ଏବେ ଆଉ ନାହିଁ ଘରଣୀର ମୁଣ୍ଡବ୍ୟଥା ହୋଇ, ବ୍ୟାପିଛି ସମଗ୍ର ବିଶ୍ୱକୁ। ଯାହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ମାର୍ଚ୍ଚ ମାସ ୪ ତାରିଖକୁ ବିଶ୍ୱ ତମାଖୁ ଦିବସ ନିରୋଧ ଦିବସ ରୂପେ ପାଳନ କରାଯାଉଛି। ସର୍ବସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ନିକଟରେ ଧୂମପାନ ନିଷେଧ ବୋଲି ସରକାର ନିୟମ କରିଥିଲେ। ୨୦୦୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଲାଗୁ ହେଲା ଧୂମପାନ ନିଷେଧ ନିୟମ। ସର୍ବସାଧାରଣ ସ୍ଥାନରେ କେହି ବି ଧୂମପାନ କରି ପାରିବେ ନାହିଁ। ସର୍ବସାଧାରଣ ସ୍ଥାନ କହିଲେ ବସ୍‌ଷ୍ଟାଣ୍ଡ, ହୋଟେଲ, ପ୍ରେକ୍ଷାଳୟ, ସପିଙ୍ଗ ମଲ୍, ରେଳ ଷ୍ଟେସନ୍, ସରକାରୀ କାର୍ଯ୍ୟାଳୟ ପରିସର ଇତ୍ୟାଦି। ଯଦି କେହି ଧୂମପାନ କରୁଥିବା ଜଣାପଡ଼େ, ତେବେ ଆଇନତଃ ୨୦୦ ଟଙ୍କାର ଜରିମାନା ଦେବେ। ଶିକ୍ଷାନୁଷ୍ଠାନ ଓ ମନ୍ଦିର ନିକଟରୁ ୧୦୦ ମିଟର ଦୂରରେ କୌଣସି ତମ୍ବାଖୁ ଦୋକାନ ରହିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଗଲା। ନୂଆ ନୂଆ କିଛି ଦିନ କଡ଼ାକଡ଼ି ଭାବେ ଏହି ନିୟମ ପାଳନ ହେଲା। ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ତମାଖୁ ଦୋକାନ ଉପରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ଉ ମଧ୍ୟ କରାଗଲା। ତମାଖୁ ସେବନ କରିବା କେତେ ଯେ ଭୟଙ୍କର ତାହା ତମାଖୁ ସେବନ କରି ମୃତ୍ୟୁ ବରଣ କରୁଥିବା ପରିସଂଖ୍ୟାନରୁ ଜଣାପଡ଼େ। ସମଗ୍ର ବିଶ୍ୱରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ରୋଗାକ୍ରାନ୍ତ ହେଉଥିବା ବେଳେ ଦିନକୁ ୨,୨୨୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି। ଏବେ ଠାରୁ ଯଦି ତମାଖୁ ସେବନ ଉପରେ ବିଶ୍ୱରେ ଏହାର ସଂଖ୍ୟା ଯଥେଷ୍ଟ ବଢ଼ିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି। ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି। ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର, ସ୍ୱରନଳୀର କ୍ୟାନସର ଓ ଅଗ୍ନ୍ୟାଶୟର କ୍ୟାନସର ଇତ୍ୟାଦି ଧୂମପାନ ସେବନ ଯୋଗୁଁ ହୋଇଥାଏ। ବେଶୀ ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ। ଯେଉଁମାନେ ଧୂମପାନ କରୁନାହାଁନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହାମଧ୍ୟ ଶରୀର ପକ୍ଷେ କ୍ଷତିକାରକ। ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡୁଥିବା ଧୂଆଁର ମିଶ୍ରଣ। ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧି ପ୍ରାପ୍ତ ହୁଏ। ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଶ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ। ରକ୍ତ କ୍ୟାନସର, ଯକୃତ୍ କ୍ୟାନସର, ବୃହଦ୍‌ନ୍ତ୍ର କ୍ୟାନସର ଓ ପିତ୍ତକୋଷ କ୍ୟାନସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କ ଠାରେ ବେଶୀ ସଂଖ୍ୟାରେ ଦେଖାଯାଏ। ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ଼ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି। ରକ୍ତ ଶୀରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ। ରକ୍ତରେ କୋଲେଷ୍ଟିରଲ୍, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ। ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ। ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ। ଇତିହାସ କହେ, ଖ୍ରୀ.ପୂ. ୬୦୦୦ ବର୍ଷ ତଳେ ଆମେରିକାରେ ତମାଖୁ ଚାଷ କରାଯାଉଥିଲା। ୧୪୯୨ ମସିହାରେ କଲମ୍ବସ୍ ଏହି ତମାଖୁକୁ ଇଉରୋପ ନେଇଥିଲେ। ତା' ପରେ ମାତ୍ର ଦେଢ଼ଶହ ବର୍ଷ ଭିତରେ ଏହା ବିଶ୍ୱସାରା ଚରିଯାଇଥିଲା। କେବଳ ଏହାର ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଅଷ୍ଟାଦଶ ଶତାବ୍ଦୀରେ ଏହାକୁ ନାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଊନବିଂଶ ଶତାବ୍ଦୀରେ ସିଗାରର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଲା। ବିଂଶ ଶତାବ୍ଦୀ ବେଳକୁ ଏହା ସିଗାରେଟ୍‌ର ରୂପ ନେଇଥିଲା। ଏକବିଂଶ ଶତାବ୍ଦୀ ବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ଲୋକ ଏହାକୁ ସେବନ କରୁଛନ୍ତି। ବର୍ତ୍ତମାନ ଏହାର ବିଭିନ୍ନ ରୂପଗୁଡ଼ିକ ହେଉଛି; ବିଡ଼ି, ସିଗାର, ସିଗାରେଟ, କ୍ରେଟେକ୍ସ, ପାଇପ, ଷ୍ଟିକ୍, ଗୁଟ୍‌ଖା ଇତ୍ୟାଦି। ତମାଖୁର ବ୍ୟାପକ ବ୍ୟବହାର ଯୋଗୁଁ ପ୍ରତିକ୍ଷଣରେ ବଢ଼ିଚାଲିଛି ଅସୁରକ୍ଷିତ ଜୀବନର ପାରଦ। ସମ୍ପ୍ରତି ବିଶ୍ୱରେ ୫୦ କୋଟି ଲୋକ ତମାଖୁ ଯୋଗୁଁ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ବିଶ୍ୱର ୧/୩ ଅଂଶ ଲୋକ ତମାଖୁ ବ୍ୟବହାର କରୁଥିବାରୁ ପ୍ରତିଦିନ ୧୫୦ କୋଟି ସିଗାରେଟ୍ ଓ ଗୁଟ୍‌ଖା ବିକ୍ରି ହେଉଛି। ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ପୃଥିବୀର ପାଞ୍ଚଟି ବୃହତ୍ତମ କମ୍ପାନୀ, ଫିଲିପ୍ସ, ମୋରିସ୍, ବାଟ୍, ଆଲତାରଡ଼ିସ୍, ରିମସ୍ତା ଓ ଜେଟିଆଇ କମ୍ପାନୀଗୁଡ଼ିକ ବାର୍ଷିକ ୧ ଲକ୍ଷ କୋଟି ଡଲାରର ତମାଖୁ ବ୍ୟବସାୟ କରିଥାନ୍ତି। ତମାଖୁରେ ଥିବା ଉପାଦାନଗୁଡ଼ିକୁ ଆମେ ରଙ୍ଗ, ସର୍ଫ, ବିଷ, କାର ବ୍ୟାଟେରୀ, କୀଟନାଶକ, ପ୍ଲାଷ୍ଟିକ୍‌ରେ ମଧ୍ୟ ଦେଖିବାକୁ ପାଇବା। ଗୋଟିଏ ସିଗାରେଟ୍ ଟାଣିଲେ ଆମ ଜୀବନର ୭ ମିନିଟ୍ ଆୟୁଷ କମିଥାଏ। ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଡ଼ସ, ନିଷିଦ୍ଧ ନିଶାଦ୍ରବ୍ୟ, ରାସ୍ତା ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଯେତିକି ଲୋକ ମରୁଛନ୍ତି ତାହାଠାରୁ ଅଧିକ ମୃତ୍ୟୁବରଣ କରୁଛନ୍ତି ତମାଖୁ ସେବନ ଯୋଗୁଁ। ଖାଲି ଯେ ମଣିଷ ମରୁଛନ୍ତି ତାହା ନୁହେଁ ଏହା ଆମର ଅର୍ଥନୀତି ପ୍ରତି ଉପରେ ମଧ୍ୟ ପ୍ରଭାବ ପକାଉଛି। ତମାଖୁ ସେବନକାରୀମାନେ ସେମାନଙ୍କ ଜୀବନର ୩୦ ପ୍ରତିଶତ ଆୟ ତମାଖୁ ବାବଦକୁ ଖର୍ଚ୍ଚ କରିଥାନ୍ତି। ଏତଦ୍‌ବ୍ୟତୀତ ପ୍ରତିବର୍ଷ ଅଧାଜଳା ସିଗାରେଟ୍ ବା ଦିଆସିଲି ଯୋଗୁଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅଗ୍ନିକାଣ୍ଡ ହୋଇଥାଏ। ଯାହା ଫଳରେ ବ୍ୟାପକ ଜଙ୍ଗଲ ଓ ଧନଜୀବନ ହାନି ହୋଇଥାଏ। ତମାଖୁ ପକେଟ୍ କଣା କରିବାରେ ଓସ୍ତାଦ। ଯେଉଁଥିପାଇଁ କୁହାଯାଇଛି, ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣା ପଡ଼େ ନାହିଁ ଟାଣେ ପଇସା।। ଆସନ୍ତୁ, ଏକ ତମାଖୁମୁକ୍ତ ବିଶ୍ୱର ପରିକଳ୍ପନାକୁ ସାକାର କରିବା!

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ମାର୍ଚ୍ଚ-୨୭ରେ ଶେଷ ହେବ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପଞ୍ଜିକରଣ

ଭୁବନେଶ୍ୱର (ପିଏନ୍)-ଓଡ଼ିଆ ପ୍ରଥା, ପରମ୍ପରା, ଭାଷା, ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ସଂପ୍ରସାରଣ ଉଦ୍ଦେଶ୍ୟରେ 'ସଂଭାବନା' ପକ୍ଷରୁ ଚାଲିଥିବା ଅଭିଯାନ ହେଉଛି, ଓଡ଼ିଆ ମହୋତ୍ସବ। ଷୋଡଶ ବର୍ଷ ପାଇଁ ଉତ୍କଳ ଦିବସ, ଅପ୍ରେଲ-୧ ତାରିଖଠାରୁ ଅପ୍ରେଲ-୧୪ ତାରିଖ ଓଡ଼ିଆ ନୂଆବର୍ଷ, ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ଓ ଏହାର ପ୍ରମୁଖ କାର୍ଯ୍ୟକ୍ରମ ତଥା ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ମଧ୍ୟ ଷୋଡଶ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପାଇଁ ନାମ ପଞ୍ଜିକରଣ ୟୁନିଟ୍-୨ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରତିଦିନ ସଂଧ୍ୟା ୬ଘଟିକାଠାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଆସନ୍ତା ମାର୍ଚ୍ଚ-୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗଢମାଳି, ପାରମ୍ପରିକ ସଂଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ, ହୁଳହୁଳି, ଓଡ଼ିଆ ଭାଷାଜ୍ଞାନ ଓ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଆଗ୍ରହୀ ୨୧ବର୍ଷରୁ ଊର୍ଦ୍ଧ୍ୱ ଓଡ଼ିଆଣୀମାନେ ନିଜର ନାମ ପଞ୍ଜିକରଣ କରିପାରିବେ। ସେହିଭଳି କେବଳ ଓଡ଼ିଆଣୀ ନୁହଁନ୍ତି, ଭବିଷ୍ୟତର ଓଡ଼ିଆମାନଙ୍କୁ ଆମର ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସ୍ୱାଭିମାନ ସହ ପରିଚିତ ତଥା ଅଭ୍ୟସ୍ତ କରାଇବା ପାଇଁ 'ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା' ମଧ୍ୟ ଆୟୋଜିତ ହେଉଛି। ୫ରୁ ୧୦, ୧୧ରୁ ୧୭ ବୟସର ଶିଶୁ-କିଶୋରଙ୍କ ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ମଧ୍ୟରେ ଅନ୍ତର୍ଭୁକ୍ତ ଅଛି ଚିତ୍ରାଙ୍କନ, ହସ୍ତାକ୍ଷର, ଶ୍ରୁତଲିଖନ, ଓଡ଼ିଶୀ, ଲଘୁନୃତ୍ୟ, ସୁଗମ ସଂଗୀତ ଆଦି। ବିଶ୍ୱ ପଖାଳ ଦିବସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଗ୍ରହୀମାନେ ତୁରନ୍ତ ଆସି ନାମ ପଞ୍ଜିକରଣ କରି ଓଡିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଉଦ୍ଦିଷ୍ଟ ଏହି ଆନ୍ଦୋଳନକୁ ଆଗେଇ ନେବା ପାଇଁ ସଂଭାବନାର ପରିଚାଳନା ଟ୍ରଷ୍ଟି ଓ ସଂପାଦକ ଦେବପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଓଡିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ, ସଦସ୍ୟା ଓ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ପ୍ରମୁଖ ଅନୁରୋଧ କରିବା ସହ ଦୂରଭାଷ- ୯୪୩୭୧ ୬୪୪୬୧ରେ ଆବଶ୍ୟକ ହେଲେ ଯୋଗାଯୋଗ କରିବାକୁ ଜଣାଇଛନ୍ତି।

## ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ



ଭୁବନେଶ୍ୱର (ପିଏନ୍): ନିକଟଅତୀତରେ ବିଧାନସଭାରେ ଆଲୋଚନାବେଳେ ବିଭାଗୀୟ ମନ୍ତ୍ରୀ ମହୋଦୟ କହିଛନ୍ତି ଯେ ଓଡ଼ିଶା ଏକ ଖାଉଟି ରାଜ୍ୟ। ବାହାର ରାଜ୍ୟମାନଙ୍କରୁ ଓଡ଼ିଶାକୁ ବିଭିନ୍ନ ପ୍ରକାର ଖାଉଟି ସାମଗ୍ରୀ ଆସିଥାଏ। କିନ୍ତୁ ଓଡ଼ିଶାରୁ ବାହାରକୁ ସେପରି କିଛି ଖାଉଟି ସାମଗ୍ରୀ ଯାଇନଥାଏ। ଫଳରେ ଖାଉଟି ସାମଗ୍ରୀ ଅନ୍ତର୍ଗତ ମାଛ, ଅଣ୍ଡା, ପନିପରିବା, ଫଳମୂଳ, ଆଳୁ, ପିଆଜ ଇତ୍ୟାଦି ଆନ୍ଧ୍ର, କର୍ଣ୍ଣାଟକ, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପ୍ରଭୃତିରୁ ଆସିଥାଏ। ସେହିପରି ଭାବରେ ପୋଷାକ ପରିଧାନ, ପ୍ରତିଘରେ ଆବଶ୍ୟକ ହେଉଥିବା ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟାନ୍ୟ ଗୃହୋପକରଣ ବାହାରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କିନ୍ତୁ ସ୍ୱାଧୀନତା ପରେ ପ୍ରାୟ ୭୩ ବର୍ଷ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଓଡ଼ିଶା ଖାଉଟି ରାଜ୍ୟ ହୋଇ ରହିଛି। ଦିନେ ଆମର ପ୍ରତିବେଶୀ ରାଜ୍ୟ ପଶ୍ଚିମବଙ୍ଗ ଓଡ଼ଶାରୁ ମାଛ, ଚାଉଳ, ପନିପରିବା ଇତ୍ୟାଦି ଆମଦାନୀ କରୁଥିଲାବେଳେ ଏବେ ତିନି ଚାରି ଦଶନ୍ଧି ଧରି ସେଠାରୁ ଓଡ଼ିଶାକୁ ପନିପରିବା, ପୋଷାକ ପରିଧାନ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ବହୁ ପରିମାଣରେ ଆସୁଛି। ସେହିପରି ଝାଡ଼ଖଣ୍ଡର ରାଞ୍ଚି ଅଞ୍ଚଳରୁ ଏବଂ ଛତିଶଗଡ଼ର ରାୟପୁର ଅଞ୍ଚଳରୁ, ମହାରାଷ୍ଟ୍ରର ନାସିକ ଓ ନାଗପୁର ଅଞ୍ଚଳରୁ କର୍ଣ୍ଣାଟକ, ଆନ୍ଧ୍ର ଓ ତାମିଲନାଡୁ ଅଞ୍ଚଳରୁ ମାଛ, କୁକୁଡ଼ା ସମେତ ବିଭିନ୍ନ ପ୍ରକାର ଫଳମୂଳ ଆମଦାନୀ କରାଯାଇଥାଏ। ଓଡ଼ିଶାର ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଏବଂ ଏମାନଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ହେଉଛନ୍ତି କୃଷିଜୀବୀ। ଓଡ଼ିଶା ବାହାରୁ ଆମଦାନୀ କରାଯାଉଥିବା ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ସୌଖୀନ ସାମଗ୍ରୀ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ଏ ରାଜ୍ୟରେ ବିକ୍ରି ହୁଏ। ଧାନ ବା ଚାଉଳ ବିକ୍ରି କରି ଗ୍ରାମାଞ୍ଚଳର ଲୋକମାନେ ଏସବୁ ସାମଗ୍ରୀ କ୍ରୟ କରନ୍ତି ଏବଂ ପୁଅଝିଅର ପାଠପଢ଼ା, ବିବାହବ୍ରତ ଓ ଅନ୍ୟାନ୍ୟ ସାମାଜିକ ଖର୍ଚ୍ଚ ପୂରଣ କରିଥାନ୍ତି। ଖାଉଟି ସାମଗ୍ରୀ କ୍ରୟ କରିବା ପାଇଁ ହାତରୁ ପଇସା ଚାଲିଯିବା ପରେ ଆଉ ଯେତିକି ଅବଶିଷ୍ଟ ରୁହେ ଧାନ ଚାଉଳ ବିକ୍ରି କରିବା ପରେ ତାହା ସାମାଜିକ କାର୍ଯ୍ୟ କରିବା ପାଇଁ ନିଅଣ୍ଟ ହୁଏ। ତେଣୁ ପିଲାଙ୍କ ପାଠପଢ଼ା, ଝିଅଙ୍କ ବିଭାଘର ଅନ୍ୟାନ୍ୟ ସାମାଜିକ ଉତ୍ସବ ପାଳନ କରିବା ପାଇଁ ଲୋକମାନଙ୍କୁ ଋଣ କରିବାକୁ ପଡ଼ିଥାଏ। ଏହି କାରଣରୁ ଓଡ଼ିଶା ଲୋକମାନେ ଗରିବ। ୨୦୦୦ ମସିହାର ତଥ୍ୟ ଅନୁସାରେ ରାଜ୍ୟର ୫୦ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। କିନ୍ତୁ ଏଇ ୧୮ ବର୍ଷ ମଧ୍ୟରେ ଛୋଟବଡ଼ କିଛି ଶିଳ୍ପ ସ୍ଥାପନ ହୋଇଥିବାରୁ ଲୋକମାନଙ୍କୁ କିଛି ନିଯୁକ୍ତି ମିଳିଛି ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ। ବିଜୁ ପଟ୍ଟନାୟକ ପ୍ରଥମ ଦଫାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଶିଳ୍ପ ସ୍ଥାପନ, ପ୍ରଯୁକ୍ତିବିଦ୍ୟା ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନିଆଯାଇଥିଲା। ତାଙ୍କ ପରେ ସେ ବିଷୟ ପ୍ରତି ଆଉ ବିଶେଷ ଧ୍ୟାନ ଦିଆଯାଇନଥିଲା। ପୁନର୍ବାର ଅଶୀ ଦଶକରୁ ଦୁଇ ଦଶନ୍ଧି ଧରି ଭିତ୍ତିଭୂମିର ବିକାଶ, ଶିଳ୍ପ ବ୍ୟବସାୟ ବାଣିଜ୍ୟ ପ୍ରସାର ପାଇଁ କିଛି ଗୁରୁତ୍ୱ ଦେବା ଯୋଗୁଁ ଲୋକମାନେ କୃଷି କ୍ଷେତ୍ର ଛାଡ଼ି ବାଣିଜ୍ୟ ବ୍ୟବସାୟକୁ ଆଦରି ନେଇଥିଲେ ଅଧିକ ରୋଜଗାର କରିବା ପାଇଁ। ଗତ ଦଶ ବର୍ଷ ଧରି ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉଦ୍ୟମ ଅବ୍ୟାହତ ରହିଥିବାରୁ ଅନେକ କ୍ଷୁଦ୍ର, ମଧ୍ୟମ, ବୃହତ୍ ଶିଳ୍ପ ସ୍ଥାପନ କରାଯାଇଛି। ବେଦାନ୍ତ, ପୋସ୍କୋ, ଆରସେଲ୍ ମିତ୍ତଲ ପ୍ରଭୃତି ବିଭିନ୍ନ କାରଣରୁ ଶିଳ୍ପ ସ୍ଥାପନ ନକରି ଫେରି ଯାଇଥିଲେ ସୁଦ୍ଧା ଓଡ଼ିଶାର ଭିତ୍ତିଭୂମି ଖଣିଜ ସାମଗ୍ରୀ ଓ ବେଳାଭୂମି ବ୍ୟବହାର କରିବା ପାଇଁ ପୁନର୍ବାର ଉଦ୍‌ଯୋଗୀମାନଙ୍କର ଧାଡ଼ି ଲାଗିଛି ଶିଳ୍ପ ସ୍ଥାପନ ପାଇଁ। ଏସବୁ କଲାବେଳେ କୃଷି ପ୍ରତି ଯେତିକି ଧ୍ୟାନ ଦେବା କଥା ତାହା କୌଣସି ସରକାର ଦେଇପାରିନାହାନ୍ତି। ଫଳରେ ଓଡ଼ିଶାରେ କୃଷି ଉତ୍ପାଦନ ଗତ କେତେବର୍ଷ ମଧ୍ୟରେ ଦୁଇ ପ୍ରତିଶତ ବୃଦ୍ଧିରେ ସୀମାବଦ୍ଧ ରହିଛି। ଲୋକସଂଖ୍ୟା ବୃଦ୍ଧି ସହିତ ଗ୍ରାମାଞ୍ଚଳ ଓ ସହରର ଚାହିଦା ମଧ୍ୟ ବଢ଼ିଛି, କିନ୍ତୁ ଚାହିଦା ଅନୁସାରେ ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ପୋଷାକ ପରିଧାନ ଇତ୍ୟାଦି, ରାଜ୍ୟରେ ଉତ୍ପନ୍ନ କରିବା ପାଇଁ କୌଣସି ସଫଳ ପଦକ୍ଷେପ ନିଆଯାଇନାହିଁ। ଫଳରେ ବାହାର ରାଜ୍ୟମାନଙ୍କରୁ ବିପୁଳ ପରିମାଣର ଖାଉଟି ସାମଗ୍ରୀ ଓଡ଼ିଶାକୁ ଆସୁଛି। ଏହି ସୁଯୋଗ ନେଇ ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସାଧାରଣ ସାମଗ୍ରୀର ଦରବୃଦ୍ଧି ଅଧିକ। ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଜଣାଯାଏ ଯେ ଜାତୀୟ କ୍ଷେତ୍ରରେ ମୂଲ୍ୟବୃଦ୍ଧି ୪.୮୩ ପ୍ରତିଶତ ହୋଇଥିବାବେଳେ ଓଡ଼ିଶାରେ ତାହା ୭.୯୨ ପ୍ରତିଶତ ହୋଇଛି। ପରିବା, ଫଳମୂଳ, ମାଛ, ଅଣ୍ଡା, କୁକୁଡ଼ା, ଖାଇବା ତେଲ, ଆଳୁ, ପିଆଜ, ଲଙ୍କାମରିଚ ଇତ୍ୟାଦି ଆବଶ୍ୟକ ହେଉଥିବା ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବେଶୀ। ଗୋଟିଏ ଦିଗରେ ଓଡ଼ିଶାର ଅଧିକାଂଶ ଲୋକଙ୍କ ହାତରେ ଅର୍ଥର ଅଭାବ ଲାଗି ରହିଥିବାବେଳେ ଧାନ ଚାଉଳ ବିକ୍ରି କରି ଯାହା କିଛି ଉପାର୍ଜନ ହୋଇଥାଏ। ଧାନ ଚାଉଳ ବିକ୍ରି କରି ଶିକ୍ଷା ସ୍ୱାସ୍ଥ୍ୟ ଇତ୍ୟାଦି ପାଇଁ ବ୍ୟୟ ହୋଇଥାଏ। ସାମାଜିକ ଓ ଅର୍ଥନୀତିକ କ୍ଷେତ୍ରରେ ଲାଗି ରହିଥିବା ପାର୍ଥକ୍ୟ ଦୂର କରିବାକୁ ହେଲେ ଗୋଟିଏ ମାତ୍ର ଉପାୟ ଅଛି। ତାହା ହେଉଛି ଯଦି ପରିବା, ଫଳମୂଳ, ଖାଦ୍ୟସାମଗ୍ରୀ, ପୋଷାକ ପରିଧାନ, ଗୃହୋପକରଣ ଇତ୍ୟାଦି ରାଜ୍ୟର ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ଭିତରେ ଉତ୍ପନ୍ନ ହୁଏ ତେବେ ଓଡ଼ିଶା ଲୋକଙ୍କର ହାତକୁ ରୋଜଗାର ଆସିବ ଏବଂ ଦାରିଦ୍ର୍ୟ ଓ ମୂଲ୍ୟବୃଦ୍ଧିର ଗଞ୍ଜଣାର ସମାଧାନ କରାଯାଇପାରିବ। କିନ୍ତୁ ଧନ୍ଦା ଓ କୌଶଳ ଶିକ୍ଷା ପାଇଁ ସରକାର ତତ୍ପରତା ଦେଖାଇନଥିବାରୁ ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭର କରି ଆସୁଛନ୍ତି। ସେହିପରି ତିନୋଟି ସମୟର ଅଭାବ ପୂରଣ କରିବା ପାଇଁ ହଜାର ହଜାର ଓଡ଼ିଶାବାସୀ ଅନ୍ୟାନ୍ୟ ରାଜ୍ୟକୁ ଯାଇଥା'ନ୍ତି ରୋଜଗାର କରିବା ପାଇଁ। ଏଇ ପ୍ରଥା ବନ୍ଦ ନହେବା ପର୍ଯ୍ୟନ୍ତ ଓଡ଼ିଶା ଦରିଦ୍ର ହୋଇ ରହିବ।

**(ସୌଜନ୍ୟ: ରଘୁନାଥ ମହାପାତ୍ର, ଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ: ୯୨୩୮୬୩୨୭୫୦)**

## ସ୍କୁଲ୍ ପାଠ୍ୟକ୍ରମରେ ଚେସ୍: ଏହାକୁ କାର୍ଯ୍ୟକାରୀ କରିବାରେ ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ ହେଉଛି କିସ୍




ଭୁବନେଶ୍ୱର (ପିଏନ୍)-ଚେସ୍‌କୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ୍ କରାଯିବା ନେଇ ଆନ୍ତର୍ଜାତିକ ଚେସ୍ ସଂଘ ପରିକଳ୍ପନା କରିଥିବା ବେଳେ ବିଭିନ୍ନ ଦେଶରେ ଏହାକୁ ସ୍କୁଲ୍ ପାଠ୍ୟକ୍ରମରେ ସାମିଲ୍ କରାଯାଉଛି । ଏହି କ୍ରମରେ ଭାରତରେ ମଧ୍ୟ ଚେସ୍‌କୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ୍ କରାଯିବା ପଇଁ ସର୍ବଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ନିଷ୍ପତି ନେଇଛନ୍ତି । ଏଥିପାଇଁ ଏଆଇସିଏଫ୍ ଓ ନିଖିଳ ଉତ୍କଳ ଚେସ୍ ସଂଘ (ଏଓସିଏ) ପକ୍ଷରୁ କିସ୍‌କୁ ଦେଶର ପ୍ରଥମ ବିଦ୍ୟାଳୟ ଭାବେ ନିଆଯାଇଛି । ଏହି ଉପଲକ୍ଷେ ଗତକାଲି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିଏଫ୍‌ର ସମ୍ପାଦକ ଶ୍ରୀ ଭରତ ସିଂ ଚୌହାନ, ସଭାପତି ଡ. ସଂଜୟ କାପୁର, ଉପ-ସଭାପତି ଶ୍ରୀ ଭବେଶ ପଟେଲ୍, କୋଷାଧ୍ୟକ୍ଷ ଶ୍ରୀ ନରେଶ ଶର୍ମା, ନିଖିଳ ଉତ୍କଳ ଚେସ୍ ସଂଘର ସଭାପତି ଶ୍ରୀ ରଂଜନ କୁମାର ମହାନ୍ତି ଓ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରାଯିବାରେ କିସ୍ ପ୍ରଥମ ଅନୁଷ୍ଠାନ ବୋଲି ଘୋଷଣା କରିଥିଲେ । ଆନ୍ତର୍ଜାତିକ ଚେସ୍ ଫେଡେରେସନ୍ (ଫିଡେ) ଏହାକୁ ପରିଚାଳନା କରିବ । କିଟ୍ ଓ କିସ୍ ଏଥିପାଇଁ ଆବଶ୍ୟକ ଭିତିଭୂମି ଯୋଗାଇ ଦେଉଥିବା ବେଳେ ଫିଡେ ଓ ଏଆଇସିଏଫ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ । ଉଭୟ କିଟ୍ ଓ କିସ୍ ଶିକ୍ଷା ସହ କ୍ରୀଡାର ପ୍ରସାର ପାଇଁ ସମାନ ଗୁରୁତ୍ୱ ଦେଇ ଆସୁଛି । ଓଡିଶାରେ ଦୀର୍ଘ ୧୦ବର୍ଷ ଧରି କିଟ୍ ଓ କିସ୍ ଜରିଆରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଚେସ୍‌ର ପ୍ରସାର କରିଆସୁଛନ୍ତି । ଯାହାଫଳରେ କିଟ୍‌ରୁ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଚେସ୍ ଖେଳାଳି ବାହାରି ପାରିଛନ୍ତି । ବିଶେଷ କରି କିଟ୍ ଓ କିସ୍ ଆଂଚଳିକ ସ୍ତରଠାରୁ ଆନ୍ତର୍ଜାତିକ ଚେସ୍ ଚାମ୍ପିଅନ୍‌ସିପ୍ ଆରମ୍ଭ କରି ଚେସ୍ କ୍ରୀଡା ଓ ଚେସ୍ ଖେଳାଳିଙ୍କ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି । କିସ୍‌ରେ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରିବାପାଇଁ ଦୀର୍ଘ ୧ବର୍ଷ ହେଲା ଏଆଇସିଏଫ୍ ପକ୍ଷରୁ ଯୋଗାଯୋଗ କରାଯାଇଆସୁଥିଲା । ଏଥିନିମନ୍ତେ କିଟ୍ ଓ କିସ୍‌ରେ ପର୍ଯ୍ୟାପ୍ତ ଭିତିଭୂମି ଓ ପ୍ରଶିକ୍ଷକ ରହିଥିବା ଯୋଗୁଁ ଏହାକୁ ପ୍ରଥମେ କିସ୍‌ରୁ ଆରମ୍ଭ କରାଯିବା ପାଇଁ ଏଆଇସିଏଫ୍ ପକ୍ଷରୁ ସିଦ୍ଧାନ୍ତ ନିଆଯାଇ କିଟ୍ ଓ କିସ୍ ପ୍ରତିଷ୍ଠାତାଙ୍କ ସହ ଆଲୋଚନା କରାଯାଇଥିଲା । ଶ୍ରୀ ସାମନ୍ତ ସର୍ବଦା କ୍ରୀଡାକୁ ପ୍ରୋତ୍ସାହନ ଦେଇ ଆସୁଥିବାରୁ ଏଭଳି ଏକ ଉତମ ଓ ସୁନ୍ଦର ପରିକଳ୍ପନାକୁ ପାଠ୍ୟକ୍ରମରେ ସାମିଲ୍ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ଫଳରେ ୨୦୨୧-୨୨ ଶିକ୍ଷାବର୍ଷଠାରୁ କିସ୍ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରାଯିବା ନେଇ ସମସ୍ତ ବନ୍ଦୋବସ୍ତ କରାଯାଇଛି । ଗତକାଲି ଏହି ଅବସରରେ ଶ୍ରୀ ସାମନ୍ତ ଖୁସି ବ୍ୟକ୍ତ କରି ଏହି ପ୍ରୟାସ ପାଇଁ ଏଆଇସିଏଫ୍ ଓ ଏଓସିଏ ଉଭୟଙ୍କୁ ସାଧୁବାଦ ଜଣାଇଛନ୍ତି । ଏହାଦ୍ୱାରା କିସ୍ ତଥା ଓଡିଶାରୁ ଅନେକ ଚେସ୍ ଖେଳାଳି ଆନ୍ତର୍ଜାତିକ ସ୍ତରରେ ସେମାନେ ସେମାନଙ୍କର ପ୍ରତିଭା ପ୍ରତିପାଦନ କରିପାରିବେ ବୋଲି କିସ୍‌ର ପ୍ରତିଷ୍ଠାତା କହିଛନ୍ତି । ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍ ସାମିଲ୍ ହେଲେ ଏହା ଛାତ୍ରଛାତ୍ରୀଙ୍କୁ ବେଶ୍ ସହାୟକ ହେବ ଏବଂ ବିଶେଷ କରି କିସ୍‌ର ବହୁ ଜନଜାତି ଛାତ୍ରଛାତ୍ରୀ କେବଳ ଚେସ୍ ଖେଳାଳି ହୋଇ ବାହାରିବେ ନାହିଁ; ବରଂ ଏହାଦ୍ୱାରା ସେମାନଙ୍କ ମାନସିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍‌ର କ୍ରୀଡା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କ ସମେତ ଏଆଇସିଏଫ୍ ଓ ଏଓସିଏର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

## କୋଭିଡ଼ ସଚେତନତା ସମ୍ପର୍କରେ ଜିଲ୍ଲାପାଳଙ୍କ ସମୀକ୍ଷା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ବାହାରେ କେତେକ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଉଛି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ଜିଲ୍ଲାପାଳ ସନତ କୁମାର ମହାନ୍ତି ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ବିଡ଼ିଓ ଏବଂ ସରପଂଚମାନଙ୍କ ସହ କୋଭିଡ଼ ନିୟମ ପାଳନ ଓ ସତର୍କତା ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ସଂକ୍ରମଣକୁ ରୋକିବା ପାଇଁ ଲୋକମାନଙ୍କୁ ସଚେତନ କରିବା, ମାସ୍କ ବ୍ୟବହାର କରିବା ଏବଂ ସାମାଜିକ ଦୂରତ୍ୱ ରଖିବାକୁ ଗୁରୁତ୍ୱ ଦେଇଥିଲେ। ଜନସମାବେଶ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ କୋଭିଡ଼ ନିୟମ କଡ଼ାକଡ଼ି ଭାବରେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ସଭାସମିତି ଓ ଜନସମାବେଶ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷଙ୍କ ଠାରୁ ଆବଶ୍ୟକ ଅନୁମତି ନେବାକୁ ପଡ଼ିବ। ଜନସମାବେଶରେ ନିର୍ଦ୍ଧାରିତ ସଂଖ୍ୟକ ଲୋକମାନେ ଯୋଗଦେଇ-ପାରିବେ। କୋଭିଡ଼ ଟୀକାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକ ମାନଙ୍କର କୋଭିଡ଼ ଟୀକାକରଣ ଚାଲୁରହିଛି। ଏହି ଭିଡ଼ିଓ କନ୍‌ଫରେନସିଂରେ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅନୁଜ କୁମାର ଦାସପଟ୍ଟନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ବିଶ୍ୱରଂଜନ ପତି, ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ପ୍ରଶାନ୍ତ କୁମାର ଦାସ, ଡ଼େପୁଟି କଲେକ୍ଟର ବଳରାମ ବାଗ ପ୍ରମୁଖ ଯୋଗ ଦେଇଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




Bhubaneswar Wednesday August 04, 2021 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୦୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତି ଦାବିରେ ମୋହରୀର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଖଣ୍ଡପଡା: ଖଣ୍ଡପଡା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜଣେ ଦକ୍ଷ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦାବିରେ ମୋହରିର ସଂଘ ପକ୍ଷରୁ ପୁନର୍ବାର ଏକ ଦାବିପତ୍ର ନୟାଗଡ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି । ମୋହରିର ସଂଘର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ବିଧାନ ଚନ୍ଦ୍ର ରାୟଙ୍କୁ ଭେଟି ଆଲୋଚନା କରିବା ସହ ଉପନିବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ତହସିଲଦାର ପାର୍ଥସାରଥୀ ହାସଁଦାଙ୍କୁ ଉକ୍ତ ଦାୟିତ୍ୱରୁ ଅବ୍ୟାହତି ଦେଇ ଜଣେ ଦକ୍ଷ ଅଧିକାରୀଙ୍କୁ ନତୁବା ଖଣ୍ଡପଡା ଅତିରିକ୍ତ ତହସିଲଦାରଙ୍କୁ ଉପନିବନ୍ଧକ ଭାବେ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦେବାକୁ ମୋହରିର ସଂଘର ସଦସ୍ୟମାନେ ଦାବି କରିଛନ୍ତି । ଖଣ୍ଡପଡା ତହସିଲଦାର ଦାୟିତ୍ୱ ନେବା ପରଠାରୁ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଦେଖା ଦେଇଥିବା ବେଳେ ମାସ ମାସ ଧରି ଶହ ଶହ ଦଲିଲ ପିକରଣ ହୋଇ ନପାରି କାର୍ଯ୍ୟାଳୟରେ ପଡି ରହୁଛି । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ତେଣୁ ଉପନିବନ୍ଧକ ଦାୟିତ୍ୱରୁ ତହସିଲଦାର ନହଟିବା ପର୍ଯ୍ୟନ୍ତ ମୋହରିର ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟ ସୁପରିଚାଳନାରେ ଅସହଯୋଗ ଜାରି ରହିବ ବୋଲି ସଂଘର କର୍ମକର୍ତାମାନେ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି ଗତ ୮ ଦିନ ତଳେ ମୋହରିର ସଂଘ ପକ୍ଷରୁ ଏ ସଂପର୍କୀତ ଦାବିପତ୍ର ନୟାଗଡ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ମାତ୍ର ଅଦ୍ୟାବଧି ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଏନେଇ ମୋହରିର ସଂଘର ସଦସ୍ୟ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ରଣପୁର ବ୍ଲକରେ ପାଇଖାନା ନିର୍ମାଣରେ ହୋଇଛି ମହାଦୁର୍ନୀତି

ରଣପୁର :ସ୍ୱଚ୍ଛଭାରତ ମିଶନରେ ସାଙ୍ଘାତିକ ଘୋଟଲା । ସ୍ୱଚ୍ଛତା ନାଁରେ ହୋଇଛି ମହାଦୁର୍ନୀତି । ନିମ୍ନମାନର ପାଇଖାନା ନିର୍ମାଣ କରି ଠିକାଦାର ଛୁ। ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ମିଳିମିଶି ଖାଇଗଲେ ପାଇଖାନା ଟାଙ୍କା । ଆଉ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଜନତା । ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି ନୟାଗଡ ଜିଲ୍ଲା ରଣପୁର ବ୍ଲକରୁ । ରଣପୁର ବ୍ଲକର ଅଧିକାଂଶ ପଂଚାୟତରେ ପାଇଖାନା ନିର୍ମାଣରେ ଦୁର୍ନିତିର ବାସ୍ନା ବାରି ହେଉଛି । ଗ୍ରାଉଣ୍ଡ ଜିରୋର ଏହି ଚିତ୍ର ହିଁ ବୟନ କରୁଛି ଯେ, ପାଇଖାନା ଯୋଗାଣରେ ହୋଇଛି ସାଙ୍ଘାତିକ ଦୁର୍ନୀତି । କେଉଁଠି ପାଇଖାନର ଛାତ ଉଡିଗଲାଣି ତ ଆଉ କେଉଁ ପାଇଖାନାର କବାଟ ଲାଗିନି, ଆଉ କାହାର ନନ୍ଦ ଭାଙ୍ଗି ଗଲାଣି । ଯହାଫଳରେ ନିର୍ମାଣ ହୋଇଥିବା ପାଇଖାନା ଗୁଡିକ ବ୍ୟବହାର ଉପେଯାଗୀ ନହେବାରୁ ବାଧ ହୋଇ ଲୋକମାନେ ବାହାରକୁ ମଳତ୍ୟାଗ କରିବାକୁ ଯାଉଛନ୍ତି । ସ୍ୱଚ୍ଛଭାରତ ଅଭିଯାନରେ ପାଇଖାନା ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏବେ ବି ରଣପୁର ବ୍ଲକରେ ୪୦ ପ୍ରତିଶତ ପାଇଖାନା ବ୍ୟବହାର ଉପଯୋଗୀ ହୋଇପାରୁନି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦିକାରେ ଏଭଳି ଦୁର୍ନୀତି ହୋଇଥିବା ଅଭିଯୋଗ କରୁଛନ୍ତି ଲୋକେ । ସରକାରୀ ଦସ୍ତାବିଜରେ ରଣପୁର ବ୍ଲକ ବର୍ତମାନ ବାହ୍ୟମଳମୁକ୍ତ ବ୍ଲକ ଭାବରେ ପରିଚିତ କିନ୍ତୁ ବାସ୍ତବରେ ସ୍ଥିତି ସଂପୂର୍ଣ୍ଣ ଓଲଟା । ଅନ୍ୟପଟରେ ପାଇଖାନା ନିର୍ମାଣରେ ହୋଇଥିବା ମାହାଦୁର୍ନୀତିକୁ ଅନ୍ୟମୁଣ୍ଡରେ ଦୋଷ ଦେଇ ଖସିଯିବାକୁ ବସିଛନ୍ତି ବିଭାଗୀୟ ଅଧିକାରୀ ଯନ୍ତ୍ରୀ । ଏବେ ଦେଖିବାକୁ ବାକି ରହିଲା ଉଚ୍ଚ ପଦସ୍ତ ଅଧିକାରୀମାନେ ତଦନ୍ତ କରି ଦୋଷିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି କି ନାଁ ?

# ଡ୍ୟୁଲକ୍ସ ପକ୍ଷରୁ ବାୟୋ-ବେସ୍‌ଡ ପେଂଟ ନ୍ତଡ୍ୟୁଲକ୍ସ ବେଟର ଲିଭିଂ ଏୟାର କ୍ଲିନ ବାୟୋବେସଡ'ର ଶୁଭାରମ୍ଭ

ଭୁବନେଶ୍ୱର : ପେଂଟ ପ୍ରତି ନିଜର ଆଗ୍ରହ ଏବଂ ଅତ୍ୟାଧୁନିକତା ପାଇଁ ଆବେଗ ହେତୁ ଆକଜୋନୋବେଲ ଇଣ୍ଡିଆଉବର୍ତମାନ ଏହାର ପ୍ରଥମ ଅତ୍ୟାଧୁନିକ, ସୁପର-ପ୍ରିମିୟମ ଇଂଟେରିୟର ଇମଲସନ ଉତ୍ପାଦର ଶୁଭାରମ୍ଭ କରିଛି । ଏହି ଅତ୍ୟାଧୁନିକ ନବୀକରଣ ଡ୍ୟୁଲକ୍ସ ବେଟର ଲିଭିଂ ଏୟାର କ୍ଲିନ ବାୟୋବେସଡ ଭାରତର ପ୍ରଥମ ୟୁ.ଏସ.ଡି.ଏ (ୟୁନାଇଟେଡ ଷ୍ଟେଟସ ଡିପାର୍ଟମେଂଟ ଅଫ ଏର୍ଗିକଲଚର)ର ପ୍ରମାଣପ୍ରାପ୍ତ ଜୈବ-ଆଧାର ଯୁକ୍ତ ପେଂଟ ଯାହା ଘରର ଆଭ୍ୟନ୍ତରୀଣ ବାୟୁକୁ ବିଶୁଦ୍ଧ କରିଥାଏ । ଡ୍ୟୁଲକ୍ସ ବେଟର ଲିଭିଂ ଏୟାର କ୍ଲିନ ବାୟୋବେସଡରେ ଶତକଡା ୨୬ ପ୍ରତିଶତ ଜୈବ ଉପକରଣ (ସ୍ଥାୟୀ ଉଦ୍ଭିଦ ଜାତୀୟ ସେ _ତରୁ ଉପଲବ୍ଧ)ରହିଛି । ଗୁଣବତାକୁ ବୃଦ୍ଧି କରିବାକୁ ଯାଇ ଏହାର ପ୍ରାକୃତିକ ଉପକରଣର ସୁଗୁଣ ଯଥା ବାୟୋ ଚାରକୋଲ ଏବଂ ଟ୍ରି ଏହାକୁ ସ୍ମାର୍ଟ ଏବଂ ସ୍ଥାୟୀ ପେଂଟ ସମାଧାନ ପ୍ରଦାନ କରିଥାଏ । ଆକଜୋନୋବେଲର ନିଜସ୍ୱ ନବୀକରଣ - ପିୟୋର ଏୟାର କୌଶଳ, ଏହାର ପ୍ରାକୃତିକ ସ୍ଥାୟୀ ପ୍ରକ୍ରିୟା ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ସୁଫଳ କରିଥାଏ । ଡ୍ୟୁଲକ୍ସ ବେଟର ଲିଭିଂର ଶୁଭାରମ୍ଭ ସମ୍ପର୍କରେ ଆକଜୋନୋବେଲ ଇଣ୍ଡିଆର




ପରିଚାଳନା ନିର୍ଦ୍ଦେଶକ ରାଜୀବ ରାଜଗୋପାଲ କହିଛନ୍ତି ଯେ, 'ଭାରତୀୟ ଗ୍ରାହକମାନେ ଅତ୍ୟଧିକ ସମୟ ଘରେ ବିତାଉଥିବାରୁ ଘରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ଅଗ୍ରାଧିକାର ଦେବା ପ୍ରାଥମିକତା ଅଟେ । ଆମ୍ଭର ଅତ୍ୟାଧୁନିକ ଉତ୍ପାଦ ଡ୍ୟୁଲକ୍ସ ବେଟର ଲିଭିଂ ଦର୍ଶାଉଛି ଯେ କିପରି ଆକଜୋନୋବେଲ ଏହାର ବିଶ୍ୱସ୍ତରୀୟ ବିଶେଷତାକୁ ବିଭିନ୍ନ ପ୍ରସ୍ତାବ ସହିତ ପ୍ରଦାନ କରୁଛି ଯାହା ଅତ୍ୟାଧୁନିକ ,ଅଧିକ ସ୍ଥାୟୀ ଏବଂ ଗ୍ରାହକମାନଙ୍କ ଜୀବନଶୈଳୀକୁ ବିକଶିତ କରିବା ପାଇଁ ପ୍ରସ୍ତୁତ ।' ଅତ୍ୟାଧୁନିକ ପିୟୋର ଏୟାର କୌଶଳ ସହିତ ପ୍ରାକୃତିକ ଏବଂ ଜୈବିକ ଉପକରଣ ଆମ୍ଭମାନଙ୍କର ଗ୍ରାହକମାନଙ୍କୁ ସେମାନଙ୍କ ପରିବାରକୁ ସ୍ୱାସ୍ଥ୍ୟକୁ ବୃଦ୍ଧି କରିବାର ସ୍ଥାୟୀ ପଥକୁ ଚୟନ କରିବା ପାଇଁ ସଶକ୍ତ କରୁଛି । ଡ୍ୟୁଲକ୍ସ ବେଟର ଲିଭିଂ ଏୟାର କ୍ଲିନ ବାୟୋବେସଡ ଗ୍ରିନ ପ୍ରୋ ପ୍ରମାଣ ପ୍ରାପ୍ତ କରିବା ସହିତ ଏହା ପରିବେଶ ଏବଂ ସ୍ୱାସ୍ଥ୍ୟ କଲ୍ୟାଣ ଉପକାରୀତା ପାଇଁ ଗ୍ରିନ ଉତ୍ପାଦଭାବେ ଯୋଗ୍ୟତା ପ୍ରାପ୍ତ କରିଛି । ଭାରତର ପ୍ରଥମ ଜୈବ -ଆଧାର ଯୁକ୍ତ ପେଂଟ ର ସଂକ୍ଷିପ୍ତ ବିବରଣୀରେ ୩ଟି ସାବାଧନତାପୂର୍ଣ୍ଣ କ୍ୟୁରେଟ ରଙ୍ଗ ରହିଛି ଯାହା ସମସ୍ତ ପ୍ରାକୃତିକ ପଦାର୍ଥ ଦ୍ୱାରା ପ୍ରେରିତ । ଏହାର ସରଳ ଏବଂ ଟ୍ରାନକ୍ୱିଲ କାମିଙ୍ଗ ବ୍ରିଜ ପ୍ୟାଲେଟ ସତେଜତା ଏବଂ ହାଲୁକାପଣ ସହିତ ସମସ୍ତପ୍ରକାରର ନିଷ୍କ୍ରିୟତା ପ୍ରଦାନ କରେ, ଏହା କ୍ରିମି ଅଫ - ଏହା ଗାଢ ପ୍ଲମ୍, କୋଜି ଟେରାକୋଟା ଏବଂ ଉତ୍ସାହପୂର୍ଣ୍ଣ ହଳଦିଆ ହୋଇଥାଏ । କାଠ ଏବଂ ଜଳ ଦ୍ୱାରା ପ୍ରୋତ୍ସାହିତ ଏହି ସତେଜ ଧଳା ରଙ୍ଗ, ବଳଶାଳୀ ନୀଳ ଏବଂ ଗାଢ ସବୁଜ ରଙ୍ଗ ସତେଜ ନିଶ୍ୱାସ ପ୍ରଦାନ କରିଥାଏ ।ଡ୍ୟୁଲକ୍ସ ବେଟର ଲିଭିଂରେ ଗ୍ରାହକମାନଙ୍କର ବିଶ୍ୱାସକୁ ଶକ୍ତିଶାଳୀ କରିବା ପାଇଁ ଡ୍ୟୁଲକ୍ସ ଆସ୍ୟୁରାନ୍ସ ଏହାର ପ୍ରଥମ ଗ୍ରାହକ କେନ୍ଦ୍ରୀୟ କାର୍ଯ୍ୟକ୍ରମ । ଯେବେକି ଉତ୍ପାଦ ଉପରେ ସମ୍ପ୍ରସାରିତ ଗବେଷଣା ଏବଂ ବିକାଶ ଜାରି ରହିଛି ଯାହା ନିଜପାଇଁ ପ୍ରଚାର କରିପାରିବ । ଡ୍ୟୁଲକ୍ସ ଆସ୍ୟୁରାନ୍ସ ଆମ୍ଭମାନଙ୍କର ଗ୍ରାହକମାନଙ୍କ ପାଇଁ ଏକ ଗୁଣବତାର ସମ୍ପ୍ରସାରଣ ଯାହା ସେମାନଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମ ଆମ୍ଭମାନଙ୍କର ଗ୍ରାହମାନଙ୍କୁ ସଠିକ ରଙ୍ଗ, ଫିନିସ ଏବଂ କଭରେଜ ପ୍ରଦାନ କରିବ ନଚେତ ଏହାକୁ ବଦଳାଇଦିଆଯିବ ।

# କେନ୍ଦୁଝର ଜିଲ୍ଲାରେ ବିଜୁ ପଟ୍ଟନାୟକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ସୁଜିତଙ୍କ ପ୍ରସ୍ତାବ

କେନ୍ଦୁଝର: ପ୍ରବାଦ ପୁରୁଷ କଳିଙ୍ଗବୀର ବିଜୁ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ତଥ୍ୟ ଓ ପୁସ୍ତକ ସଂଗ୍ରହ କ୍ଷେତ୍ରରେ ବିରଳ କୃତୀତ୍ୱ ଅର୍ଜନ କରିଛନ୍ତି ସୁଜିତ୍ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ୨୬ ବର୍ଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କିତ ତଥ୍ୟ ସଂଗ୍ରହ କରି ଆସୁଥିଲେ । ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିକୁ ସାଉଁଟି ରଖିବା ତାଙ୍କ ପାଇଁ ପାଲଟିଛି ଏକ ନିଶା ଓ ତାହା କରି ତାଙ୍କର ପରିଚୟ ସୃଷ୍ଟି କରିଥିଲା । ବିଜୁବାବୁଙ୍କୁ ଭଲ ପାଉଥିବା ନିଆରା ମଣିଷ ଶ୍ରୀ ସୁଜିତ ପଟ୍ଟନାୟକ ୧୯୯୪ ମସିହାରେ ସ୍ଥାନୀୟ ସର୍କିଟ ହାଉସଠାରେ ପ୍ରଥମ ସାକ୍ଷାତ ଓ ଆଲୋଚନା ତାଙ୍କ ପ୍ରତି ଏକ ଅହେତୁକ ଦୁର୍ବଳତା ଓ ଭକ୍ତି ଆଣି ଦେଇଥିଲା । ସେବେଠାରୁ ସେ ବିଜୁ ବାବୁଙ୍କ ସଂପର୍କିତ ପୁସ୍ତକ, ଫଟୋ, ବିଜୁବାବୁଙ୍କ ସଂପର୍କିତ ଖବରକୁ ସଂଗ୍ରହ ଜାରି ରଖିଛନ୍ତି । ଯେଉଁଥିରେ କି ତାଙ୍କ ନିକଟରେ ବିଜୁ ବାବୁଙ୍କ ସମ୍ପର୍କିତ ଓଡିଆ,ହିନ୍ଦୀ,ଇଂରାଜୀ ଓ ସଂସ୍କୃତରେ ପ୍ରକାଶିତ ୧୨୦ଗୋଟି ବହି, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୨୮୦ଗୋଟି ଫଟୋ, ସ୍ମୃତିରେ ହୋଇଥିବା ୨୧୨ଗୋଟି ଫଟୋ,ପୋଷ୍ଟକାର୍ଡ,ଡାକଟିକେଟ, ୨୪୨ଟି ଯୁଗାନ୍ତକାରୀ ନିଷ୍ପତ୍ତିର ପ୍ରକାଶିତ ଖବରକାଗଜ,ବିଜୁବାବୁ ଲେଖିଥିବା ବୁଲାନିଶା,ପ୍ରକାଶକ ଥିବା ବସୁନ୍ଧରା ପୁସ୍ତକ ମେଘଦୂତ ପୋଷ୍ଟ କାର୍ଡ, ୫ ଟଙ୍କିଆ ମୁଦ୍ରା ଓ ବିଜୁବାବୁଙ୍କ ସାପ୍ତାହିକୀ ଖବରକାଗଜ କଳିଙ୍ଗ ପ୍ରଭୃତି ସଂଗ୍ରହ କରିବାରେ ରେକର୍ଡ କରିଥିଲେ । ବିଜୁ ବାବୁଙ୍କ ଦେହାନ୍ତ ପରେ ବିଜୁଙ୍କ ସ୍ମୃତିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ପ୍ରତିମୂର୍ତ୍ତି, ସ୍କୁଲ, କଲେଜ, କଲ୍ୟାଣ ମଣ୍ଡପ, ବିଭିନ୍ନ ବଜାରରୁ ଫଟୋକୁ ସାଉଁଟିବାରେ ଲାଗିଛନ୍ତି । ସେଠାକୁ ଯାଇ ନିଜେ ଫଟୋ ସଂଗ୍ରହ କରି ବେଶ ଆନନ୍ଦ ପାଇଥାନ୍ତି । ମାତତର ଏବେ ସେ ବିଜୁ ବାବୁଙ୍କ ବିରଳ ବସ୍ତୁ ସଂଗ୍ରହ କରି ରଖିଥିବା ଜିନିଷର ନିୟମିତ ପ୍ରଦର୍ଶନ ପାଇଁ କେନ୍ଦୁଝର ଜିଲ୍ଲାରେ ଏକ ଗବେଷଣା ପ୍ରତିଷ୍ଠାନ ଖୋଲିବା ପାଇଁ ସଂଗ୍ରାହକ ସୁଜିତ ପଟ୍ଟନାୟକ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ସୁଜିତ ଅନୁରୋଧ କରିଛନ୍ତି ଯେ,କେନ୍ଦୁଝର ଜିଲ୍ଲାର ମାଟକାମବେଡାଠାରେ କଳିଙ୍ଗ ଲୁହା କାରଖାନା ହେଉ ବା ବିଜୁବାବୁଙ୍କ ଉଦ୍ୟମରେ କେନ୍ଦୁଝର ଜିଲ୍ଲାର ବାମେବାରୀ-ପଳାଶପଙ୍ଗା ରାସ୍ତା ହେଉ ବା ବିଜୁବାବୁ ତାଙ୍କ କଳିଙ୍ଗ ରଥରେ ଜିଲ୍ଲାର ବିଭିନ୍ନ ସ୍ଥାନ ଯିବା ଆଦି କାର୍ଯ୍ୟ ହେଉ, ଏହାର ଅନେକ ଦୁର୍ଲ୍ଲଭ ଫଟୋ ସହ ବହୁ ପୁରାତନ ଖବରକାଗଜ, ମୁଦ୍ରା,ଡାକଟିକଟ ଓ ପ୍ରାଚୀନ ତାମ୍ରପତ୍ର ଆଦି ସେ ଦୀର୍ଘଦିନ ଧରି ସଂଗ୍ରହ କରି ଆସିଛନ୍ତି । ଏଥିପାଇଁ ସେ ବିଭିନ୍ନ ସ୍ତରରେ ସମ୍ମାନିତ ଓ ପୁରସ୍କୃତ ହୋଇଥିବାବେଳେ ଏବେ ବୟସ ଅଧିକ କାରଣରୁ ଏହି ସଂଗ୍ରହ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ସମ୍ଭବପର ନୁହେଁ । ଆଗାମୀ ପିଢୀର ବ୍ୟକ୍ତିମାନେ ଏହି ବିରଳ ସଂଗ୍ରହର ବସ୍ତୁକୁ ଭବିଷ୍ୟତରେ ଦେଖିବା ସହ ଗବେଷଣା ପାଇଁ ଏହା ଅନେକ ଉପାଦେୟ ହେବ ବୋଲି ସୁଜିତ ପଟ୍ଟନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ବିରଳ ସଂଗ୍ରହର ବସ୍ତୁକୁ ନେଇ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ସୁଜିତ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି ।

# ସେଣ୍ଟ ଜାଭିୟର୍ସ ସ୍କୁଲର ଶତ ପ୍ରତିଶତ ସଫଳତା

କେନ୍ଦୁଝର : ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦୁଝର ସେଣ୍ଟ ଜାଭିୟର୍ସ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଦିତୀ ସାହୁ ୯୭ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆଦିତୀ ଏହି ସଫଳତା ପାଇଁ ଖୁସି ପ୍ରକଟ କରିବା ସହ ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରେରଣା ଏବଂ ସଠିକ୍ ମାର୍ଗଦର୍ଶନ ରହିଥିବା କହିଛନ୍ତି । ସେହିପରି ଆଦ୍ୟାଶା ଦଳାଇ ୯୪.୪୦ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେ ମଧ ଜଣେ ଦକ୍ଷ ଡାକ୍ତର ହୋଇ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବେ ବୋଲି କହିଛନ୍ତି । ଶ୍ରେୟା ଶାନିଧି ଦାସ ୯୪ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରି ଭବିଷ୍ୟତରେ ଜଣେ ଆଇ.ଆଇ.ଟି ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି । ଏଥର ବିଦ୍ୟାଳୟର ମୋଟ ୧୧୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୫ଜଣ ପ୍ରଥମ ଶ୍ରେଣୀ ଏବଂ ୩୭ଜଣ ଦ୍ୱିତୀୟ ଶେଣ୍ରୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରଛାତ୍ରୀମାନେ ଚଳିତ ବର୍ଷର ପରୀକ୍ଷା ଫଳ ବିଦ୍ୟାଳୟ ପାଇଁ ଶତପ୍ରତିଶତ ଉତ୍ତୀର୍ଣ୍ଣ ହାର ଆଣି ବିଦ୍ୟାଳୟ ପାଇଁ ଗୌରବ ପ୍ରଦାନ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଅଭୁତପୂର୍ବ ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ଏବଂ ଜ୍ଞାନଦୋୟ ଏଜୁକେସନାଲ ଟ୍ରଷ୍ଟ ର ସଭାପତି ଇଂ ଦେବ୍ରବତ ବେହେରା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଆଗାମି ଭବିଷ୍ୟତର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

# ଗାଁ ଗାଁରେ ଅସ୍ୱାସ୍ଥ୍ୟକର ପରିବେଶ, ଡେଙ୍ଗୁ ବ୍ୟାପିବା ଆଶଙ୍କା

ଖଣ୍ଡପଡା: ବର୍ଷାଋତୁ ଯୋଗୁଁ ଖଣ୍ଡପଡା ବ୍ଲକ ଅଂଚଳର ବିଭିନ୍ନ ଗାଁ ଗଣ୍ଡାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଯେଉଁଠି ଦେଖିବ ସେଇଠି ବର୍ଷା ପାଣି ଜମା ହୋଇ ରହୁଥିବାରୁ ମଶା, ମାଛିଙ୍କ ଦୌରାତ୍ମ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ପ୍ରଶାସନ ପକ୍ଷରୁ ବିଭିନ୍ନ ଗାଁରେ ସିମେଂଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି । ମାତ୍ର ରାସ୍ତା ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷା ହେଲେ ସିମେଂଟ କଂକ୍ରିଟ ରାସ୍ତା ଉପରେ ବର୍ଷା ଜଳ ଜମିରହି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ସାଂପ୍ରତିକ ପରିସ୍ଥିତିରେ ମହାମାରୀ କରୋନା ଭୂତାଣୁର ପ୍ରକୋପ ସାଙ୍ଗକୁ ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କାରେ ଅଂଚଳବାସୀ ଆତଙ୍କିତ ହୋଇପଡିଛନ୍ତି । ପ୍ରତ୍ୟେକ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି । ମାତ୍ର ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଗ୍ରାମର ପରିବେଶ ଦିଗରେ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ବର୍ଷା ଦିନ ପ୍ରାରମ୍ଭରୁ ଗ୍ରାମ ପରିବେଶରେ ସାମାନ୍ୟ ବ୍ଲିଚିଂ ପାଉଡର ଟିକିଏ ମଧ ପ୍ରଶାସନ ପକ୍ଷରୁ ପକା ଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପଂଚାୟତ କର୍ତୃପକ୍ଷ, ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୁପକ୍ଷ ଗାଁ ଗଣ୍ଡାର ଅସ୍ୱାସ୍ଥ୍ୟକର ପରିବେଶ ପ୍ରତି ଧ୍ୟାନ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# କବାଡିଆଙ୍କ କବଜାରେ ୩ଟି ଅଙ୍ଗନୱାର୍ଡିକେନ୍ଦ୍ର, ପ୍ରଶାସନର ଦୃଷ୍ଟିପଡୁ

ଖଣ୍ଡପଡା: ଖଣ୍ଡପଡା ବ୍ଲକ ପ୍ରଶାସନର ଅଣଦେଖା ଯୋଗୁଁ ବ୍ଲକ ଅଧିନ ସିଧାମୂଳା ଗ୍ରାମରେ ଥିବା ଅଙ୍ଗନୱାର୍ଡି କେନ୍ଦ୍ର ନଂ ୧, ୨, ୩ ଏବେ କବାଡିଆଙ୍କ କବଜାରେ କବଳିତ ହୋଇ ରହିଥିବା ଜଣାପଡିଛି । ଅନାବନା ଅଦରକାରୀ ସାମଗ୍ରୀ ସବୁ କିଛି କବାଡିଆମାନେ ଅଙ୍ଗନୱାର୍ଡି କେନ୍ଦ୍ରରେ ମହଜୁଦ ରଖିଥିବା ପରିଲକ୍ଷିତ ହେଉଛି । ସୁଚନାଯୋଗ୍ୟ କୋଭିଡ କଟକଣା ଯୋଗୁଁ ଗତ ୧୮ ମାସ ଧରି ଅଙ୍ଗନୱାର୍ଡି କେନ୍ଦ୍ରଗୁଡିକ ସଂପୂର୍ଣ୍ଣ ବନ୍ଦ ରହିଛି । ପିଲାମାନେ ଓ ଅଙ୍ଗନୱାର୍ଡି କର୍ମୀ କେହି ହେଲେ କେନ୍ଦ୍ରକୁ ଯାଉ ନଥିବାର ଏହାର ସୁଯୋଗ ନେଇ କବାଡିଆମାନେ ସେଗୁଡିକୁ ମାଡି ବସିଥିବା ଜଣାପଡିଛି । ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସିଧାମୂଳା ଗ୍ରାମରେ ୩ଟି ଅଙ୍ଗନୱାର୍ଡି କେନ୍ଦ୍ରର ନୂତନ ଗୃହ ଗତ ୨ବର୍ଷ ତଳେ ନିର୍ମାଣ କରାଯାଇଥିଲା । ଅଙ୍ଗନୱାର୍ଡି କେନ୍ଦ୍ରର କାନ୍ଥ ଓ ବାଡ ସବୁ



କିଛି ରଙ୍ଗ କରାଯିବା ସହ କାନ୍ଥରେ ବିଭିନ୍ନ ଚିତ୍ର ଶୋଭା ପାଉଥିଲା । ତେବେ କବାଡିଆଙ୍କ ଯୋଗୁଁ ସବୁକିଛି ନଷ୍ଟ ହେବାରେ ଲାଗିଛି । ଏଥିପ୍ରତି ଖଣ୍ଡପଡା ବ୍ଲକ ପ୍ରଶାସନ ଓ ଖଣ୍ଡପଡା ବ୍ଲକ ଶିଶୁବିକାଶ ପ୍ରକଳ୍ପ ଅଧିରକାରିଣୀ ଦୃଷ୍ଟି ଦେବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray